



# ୫୦ ଲକ୍ଷ ଟଙ୍କା ବକେୟା ଗଡ଼ୁଛି

## ସିଡିଏ ମାର୍କେଟ କମ୍ପ୍ଲେକ୍ସ ସେବା ଦେୟ ଦାଖଲ ନ କଲେ କାର୍ଯ୍ୟାନୁଷ୍ଠାନ

କଟକ, ୨୦।୨(ସମିସ): କଟକ ସହରର ବିଭିନ୍ନ ସ୍ଥାନରେ ଥିବା କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ୯ଟି ମାର୍କେଟ କମ୍ପ୍ଲେକ୍ସର ବକେୟା ଘର ଭଡା ଦେୟ ଆଦାୟକୁ ନେଇ କର୍ତ୍ତୃପକ୍ଷ କଠୋର ନୀତି ଆପଣେଇଛନ୍ତି। ସୂଚନାଯୋଗ୍ୟ ଯେ, ସହରରେ ସିଡିଏର ୯ଟି ମାର୍କେଟ କମ୍ପ୍ଲେକ୍ସ ରହିଥିଲା ବେଳେ ସେଥିରେ ମୋଟ ୧୩୦ଟି ଦୋକାନ ଘର ରହିଛି। ଦୀର୍ଘ ଦିନ ଧରି କେତେକ ଦୋକାନୀ ସେମାନଙ୍କର ଦେୟ ନ ଦେବା ଫଳରେ ପ୍ରାୟ ୫୦ ଲକ୍ଷ ଟଙ୍କା ଆଦାୟ ନ ହୋଇ ପଡ଼ିରହିଛି। ସେଥିପାଇଁ ସିଡିଏ ପକ୍ଷରୁ ଏଭଳି କଡା ପଦକ୍ଷେପ ନିଆଯାଉଥିବା କଥା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏଥିମଧ୍ୟରେ ଗତ ଦୁଇ ଦିନ ଭିତରେ କର୍ତ୍ତୃପକ୍ଷ ଦେୟ ବାବଦରେ ୧ ଲକ୍ଷ ୩୫ ହଜାର ଟଙ୍କା ଆଦାୟ କରିଥିବା ଜଣାପଡ଼ିଛି। ବ୍ୟବସାୟୀମାନଙ୍କୁ ଲାଇସେନ୍ସ ଫି ଓ ଗ୍ରାଉଣ୍ଡରେ ଠିକ୍ ସମୟରେ ପଇଠ କରିବା ପାଇଁ ସିଡିଏ ପକ୍ଷରୁ ଚେତାବନୀ ଦିଆଯାଇଛି। ଏପରିକି ମାର୍ଚ୍ଚ ମାସ ଶେଷ ସୁଦ୍ଧା ଯଦି ବ୍ୟବସାୟୀମାନେ ଉପରୋକ୍ତ ସେବା ଦେୟ ପଇଠ ନ କରନ୍ତି ତେବେ ସଂସ୍ଥାଗୁଡିକୁ ବନ୍ଦ କରିଦିଆଯିବ ବୋଲି ସିଡିଏ ପକ୍ଷରୁ କୁହାଯାଇଛି। ପ୍ରକାଶ ଥାଉକି, ଘର ଭଡା ଓ ସେବା ଦେୟ ଆଦାୟ ପାଇଁ ସିଡିଏ ପକ୍ଷରୁ ଗଠନ କରାଯାଇଥିବା ଏକ ସ୍ୱତନ୍ତ୍ର ଟିମ୍ ବ୍ୟବସାୟୀମାନଙ୍କୁ ସଚେତନ କରିବା ସହ ସେମାନଙ୍କଠାରୁ ଦେୟ ଆଦାୟ କରୁଛନ୍ତି। ମଙ୍ଗଳବାର ଏହି ଟିମ୍ ସିଡିଏ ସେକ୍ଟର-୬ରେ ଥିବା ମାର୍କେଟ କମ୍ପ୍ଲେକ୍ସ ଓ ସେଣ୍ଟ୍ରାଲ ମାର୍କେଟ କମ୍ପ୍ଲେକ୍ସରୁ କର ବାବଦକୁ ୯୦ ହଜାର ଟଙ୍କା ଆଦାୟ କରିଥିବା ଜଣାପଡ଼ିଛି। ଦେୟ ଆଦାୟ ନିମନ୍ତେ ଲ୍ୟାଣ୍ଡ ଓ ଏନଫୋର୍ସମେଣ୍ଟ ବିଭାଗ ଅଧିକାରୀ ରଣଜିତ କୁମାର ସାହୁଙ୍କ ନେତୃତ୍ୱରେ ଗଠିତ ଟିମ୍‌ରେ ସୁବ୍ରତ ମିଶ୍ର, କ୍ଷୀରୋଦ ବେହେରା, ଗିରିଜା ପ୍ରସାଦ ବେହେରା ଓ ଦୀନେଶ କୁମାର ଭୋଳ ପ୍ରମୁଖ ରହିଛନ୍ତି।

**ସଡ଼କ ସୁରକ୍ଷା ସମ୍ମିଳନୀ**

# ଦୁର୍ଘଟଣା ହାର ହ୍ରାସ ପାଇଁ ଡିଭାଇଡର୍ ନିର୍ମାଣକୁ ଗୁରୁତ୍ୱ

କଟକ, ୨୦।୨(ସମିସ):




ଜିଲ୍ଲାର ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣା ରୋକିବା ପାଇଁ ଡିଭାଇଡର ନିର୍ମାଣ, ଜେବ୍ରା କ୍ରସିଂ ଚିହ୍ନଟ, ଆଲୋକ ବ୍ୟବସ୍ଥା ଉପଲବ୍ଧ କରାଇବା, ବେଆଇନ୍ ପାର୍କିଂ, ସଡକ ପାର୍ଶ୍ୱରେ ବେଆଇନ୍ ଉଚ୍ଛେଦ ଓ ସମ୍ବେଦନଶୀଳ ସ୍ଥାନମାନଙ୍କରେ ବୁଲାବିକାଳିମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଉପରେ କଟକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆୟୋଜିତ ସମ୍ପୃକ୍ତ ସମସ୍ତ ଭାଗିଦାରଙ୍କ ସମ୍ମିଳନୀରେ ମତପ୍ରକାଶ ପାଇଛି। ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ ତଥା ପରିବହନ କମିଶନର ଅମିତାଭ ଠାକୁର ରାଜ୍ୟରେ ସଡକ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ତୁଳନାତ୍ମକ ଭାବେ ହ୍ରାସ ପାଇଥିବାବେଳେ ଏହାକୁ ଶୂନ୍ୟ ସଂଖ୍ୟାରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ପରିବହନ ବିଭାଗ ଅତିରିକ୍ତ ଶାସନ ସଚିବ ବିଧାନ ଚନ୍ଦ୍ର ରାୟ ବୈଠକରେ ଯୋଗଦେଇ ସଡକ ସୁରକ୍ଷା ସମ୍ବନ୍ଧିତ ନିୟମ ପାଳନ କରି ଦୁର୍ଘଟଣା ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିନୀତ ଭରଦ୍ୱାଜ ସଡ଼କ ସୁରକ୍ଷା ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ। ଏନଏଚଏଆଇର ପ୍ରକଳ୍ପ ନିର୍ଦ୍ଦେଶକ ନାଗେଶ୍ୱର ରାଓ ବୈଠକରେ ଯୋଗଦେଇ ବିଭିନ୍ନ ବିଭାଗୀୟ ଅଧିକାରୀ ପରସ୍ପର ସହିତ ସମନ୍ୱୟ ରକ୍ଷା ପୂର୍ବକ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ପରିବହନ ବିଭାଗର ଅତିରିକ୍ତ କମିଶନର ଲାଲମୋହନ ସେଠୀ, କଟକ ସହରାଞ୍ଚଳ ଆରକ୍ଷୀ ଉପଆୟୁକ୍ତ ଅନୀଲ କୁମାର ମିଶ୍ର ଓ ଆରକ୍ଷୀ ଅଧିକ୍ଷକ (ଗ୍ରାମାଞ୍ଚଳ) ମିହିର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କଟକ ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଅଧୀକ୍ଷକ ଡା. ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବା ସହ ୩୩ ଜଣ ଉତ୍ତମ ନାଗରିକଙ୍କୁ ପ୍ରଶଂସାପତ୍ର ଓ ୨ହଜାର ଟଙ୍କା ଲେଖାଏଁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏଥିରେ ମୋଟର ଯାନ ପ୍ରଶିକ୍ଷଣ, ଟ୍ରକ, ବସ୍ ଓ ଅଟୋ ଆସୋସିଏସନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଦୁଇ ହୋଟେଲ ଉପରେ ସିଏମ୍‌ସିର ଚଢ଼ଉ





କଟକ, ୨୦।୨(ସମିସ): ମାର୍କତନଗର ସେକ୍ଟର-୬ ଏବଂ ୯ରେ ବିନା ଲାଇସେନ୍ସ ଓ ନଥିପତ୍ରରେ ଚାଲିଥିବା ଦୁଇଟି ହୋଟେଲ ଉପରେ କଟକ ମହାନଗର ନିଗମ(ସିଏମସି) ଖାଦ୍ୟ ସୁରକ୍ଷା, ଓ ଏନଫୋର୍ସମେଣ୍ଟ ବିଭାଗ ପକ୍ଷରୁ ଚଢଉ କରାଯାଇ ପ୍ରତ୍ୟେକଙ୍କ ନିକଟରୁ ୩୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯାଇଛି। ସେହିପରି ଉଭୟ ପ୍ରତିଷ୍ଠାନକୁ ସିଏମସି ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ପ୍ରକାଶ ଥାଉକି, କଟକ ସହରରେ ବ୍ୟବସାୟ ବାଣିଜ୍ୟ କରିବା ନିମନ୍ତେ ଓ ଖାଦ୍ୟ ପଦାର୍ଥ ବିକ୍ରୟ ପାଇଁ ଟ୍ରେଡ ଲାଇସେନ୍ସ ଓ ଫୁଡ୍ ଲାଇସେନ୍ସର ଆବଶ୍ୟକତା ଥିଲା ବେଳେ ଏହି ନିୟମକୁ ଉଲ୍ଲଙ୍ଘନ କରି କେତେକ ବ୍ୟବସାୟିକ ପ୍ରତିଷ୍ଠାନ ବେପାର ବଣିଜ କରୁଥିବା ସମ୍ପର୍କରେ ଜଣାପଡ଼ିବା ପରେ ଉପରୋକ୍ତ ବିଭାଗ ପକ୍ଷରୁ ଆଜି ମିଳିତ ଭାବରେ ସିଡିଏ ସେକ୍ଟର ୬ସ୍ଥିତ ସାଇ କଣ୍ଟିନେଣ୍ଟାଲ ହୋଟେଲ ଉପରେ ଚଢଉ କରାଯାଇଥିଲା। ବିଶେଷକରି ନିୟମ ନ ମାନି ବାସପୋଯୋଗୀ ଫ୍ଲାଟ୍‌ରେ ହୋଟେଲ ବ୍ୟବସାୟ ଚଳାଇବା, ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସ ନଥିବା, ଅଗ୍ନି ନିରାପତ୍ତା ସଂକ୍ରାନ୍ତ ଏନ୍‌ଓସି ନଥିବା ସହିତ ପରିମଳ ନିୟମ ବି ଉଲ୍ଲଙ୍ଘନ କରାଯାଇଥିଲା। ଏତଦ୍ ବ୍ୟତୀତ ବାସୀ ଖାଦ୍ୟ ଗ୍ରାହକମାନଙ୍କୁ ବିକୁଥିବା ନେଇ ଜଣାପଡ଼ିବା ପରେ ପ୍ରାୟ ୮୦କେଜିରୁ ଉର୍ଦ୍ଧ୍ୱ ଖାଦ୍ୟକୁ ତୁରନ୍ତ ନଷ୍ଟ କରିଦିଆଯାଇ ଜରିମାନା ବାବଦକୁ ୩୦ ହଜାର ଟଙ୍କା ଆଦାୟ କରାଯାଇଥିଲା। ସେହିପରି ସେକ୍ଟର-୯ର ଓୟୋ ସହ ଅନୁବନ୍ଧିତ ଡିପି କଟେଜ୍ ନାମକ ହୋଟେଲ

**୬୦ ହଜାର ଜରିମାନା ଆଦାୟ**

ଉପରେ ଚଢାଉ କରାଯାଇଥିଲା। ହୋଲ୍ଡିଂ ଟ୍ୟାକ୍ସ, ଟ୍ରେଡ ଲାଇସେନ୍ସ ଆଦି ନଥିପତ୍ର ନଥିବା ସହିତ ହୋଟେଲଟି ବାଣିଜ୍ୟିକ ସ୍ଥଳରେ ନ ଚାଲି ବାସପୋଯୋଗୀ ଜମିରେ ବେଆଇନ ଭାବରେ ଚାଲୁଥିବା ଜଣାପଡ଼ିଥିଲା। ଏତଦ୍ ବ୍ୟତୀତ ହୋଟେଲର ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ନଥିବା ଜଣାପଡ଼ିବା ପରେ ସିଏମସି ପକ୍ଷରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଡେପୁଟି କମିଶନର ଅଜୟ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏହି ଚଢାଉରେ ଶ୍ରୀ ମହାନ୍ତି ନେତୃତ୍ୱ ନେଇଥିବା ବେଳେ ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା, ଖାଦ୍ୟ ନିରୀକ୍ଷକ ଓ ସିଡିଇଏଫର ଗୋଟିଏ ଟିମ୍ ଏଥିରେ ସାମିଲ ଥିଲେ।

# ୨୪ନଂ ୱାର୍ଡରେ 'ଘରେ ଘରେ ଶଙ୍ଖ'



କଟକ, ୨୦।୨(ସମିସ): ଆଜି ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ୨୪ ନମ୍ବର ୱାର୍ଡ଼ ହରିପୁର ଠାରେ କର୍ପୋରେଟର ତଥା ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିରାମୟ ଉପଦେଷ୍ଟା ଡ. ରଞ୍ଜନ ବିଶ୍ୱାଳ, ନଗର ମହିଳା ସଭାନେତ୍ରୀ ପୂର୍ଣ୍ଣିମା ସିଂ, ନଗର ଯୁବ ସଭାପତି ସୌମ୍ୟଦୀପ ଘୋଷ, ଛାତ୍ର ସଭାପତି ଆସିଫ ଅମୀନ, ରାଜ୍ୟ ସାଧାରଣ ସମ୍ପାଦକ ଜଗତ୍ ଜ୍ୟୋତି ପଟ୍ଟନାୟକ, ଗ୍ରାମର ଅଧିକାରୀ, ମୁରବୀ, ଯୁବକ ଓ ଶତାଧିକ ମହିଳା ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ସହିତ ୱାର୍ଡ଼ ସଭାପତି ପ୍ରତାପ ମୂଳିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ତ୍ରିନାଥଦେବଙ୍କ ବାର୍ଷିକ ମହୋତ୍ସବ




କଟକ, ୨୦।୨(ସମିସ): ବାରଙ୍ଗ ଭୁବନପୁର ସ୍ଥିତ ଶ୍ରୀ ଶ୍ରୀ ତ୍ରିନାଥଦେବଙ୍କ ବାର୍ଷିକ ମହୋତ୍ସବ ଗତ ୧୬ରୁ ଆରମ୍ଭ ହୋଇ ୩ ଦିନ ଧରି ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କମରପଦା ଅସ୍ଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ୨ୟ ସନ୍ଧ୍ୟାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ (ଚଇତାଳି ଘୋଡା ନାଚ) ପ୍ରଦର୍ଶିତ ହୋଇଥିଲା। ଏଥିରେ ଅନୁଷ୍ଠାନର ନିର୍ଦ୍ଦେଶିକା ସ୍ନେହଲତା ସେଠୀ ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ ଭକ୍ତଗଣ ଏବଂ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବରେ ଭୁବନପୁର ଗ୍ରାମର ଅବସରପ୍ରାପ୍ତ ସହକାରୀ କମିଶନର ପୁଲିସ, ବରିଷ୍ଠ ଆଇନଜୀବୀ, ବରିଷ୍ଠ ସରକାରୀ ଅଧିକାରୀ, ଅସ୍ଥାର ଉପଦେଷ୍ଟା ଏବଂ ବରିଷ୍ଠ ବ୍ୟକ୍ତି ବିଶେଷ ଯୋଗଦାନ କରି ଓଡ଼ିଶାର ଗ୍ରାମାଞ୍ଚଳରେ ଲୁଚିଯାଇଥିବା ଓଡ଼ିଶା କଳା ସଂସ୍କୃତିର ପୁନଃ ଉତ୍ଥାପନ ପାଇଁ ଜନସଚେତନତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆସ୍ଥା ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହିତ ଗ୍ରାମର ୩୦୦ରୁ ଉର୍ଦ୍ଧ୍ୱ ଅଞ୍ଚଳବାସୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭୁବନପୁର ଗ୍ରାମର ୱାର୍ଡମେମ୍ବର ରଞ୍ଜନ ବଳ ସୁଚାରୁରୂପେ ପରିଚାଳନା କରିଥିଲେ।

# ବେଆଇନ୍ ପାର୍କିଂ ହଟାଇବାକୁ ଦାବିପତ୍ର

ମଙ୍ଗୁଳି, ୨୦।୨(ସମିସ): ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ମଙ୍ଗୁଳି ଛକ ରାଜ୍ୟର ଏକ ପ୍ରମୁଖ ବ୍ୟବସାୟୀକ ପେଣ୍ଠସ୍ଥଳୀ ହୋଇଥିବା ବେଳେ ଏଠାରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ସହ କବାଡ଼ିଆ ଦୋକାନ, ପରିବହନ ସଂସ୍ଥା, ଗ୍ୟାରେଜ୍, କୋଇଲା ଡିପୋ ଏବଂ ଷ୍ଟକୟାର୍ଡ଼ଗୁଡ଼ିକ ଗଢ଼ି ଉଠିଥିବା ଫଳରେ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଭାରିଯାନ ଗୁଡ଼ିକ ଯିବା ଆସିବା କରିଥାନ୍ତି। ଏହି ଛକରେ କୌଣସି ଟ୍ରାଫିକ୍ ବ୍ୟବସ୍ଥା ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଗାଡ଼ିଗୁଡ଼ିକ ବେଆଇନ୍ ଭାବେ ପାର୍କିଂ କରୁଥିବା ବେଳେ ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଥିବାର ଜଣାପଡ଼ିଛି। ବାରମ୍ବାର ଏ ସମ୍ପର୍କରେ ପୁଲିସ୍ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ଏହା ଉପରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହେଉଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ନେଇ ଆନ୍ତର୍ଜାତୀୟ ମାନବାଧିକାର ପରିଷଦ ଓଡ଼ିଶା ଶାଖାର ସଭାପତି ସସ୍ମିତା ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କଟକ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ



କରିବା ସହ ମଙ୍ଗୁଳି ଛକରୁ କୋଇଲା ଡିପୋଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ଉଲ୍ଲେଖ କରିଥିବା ଜଣାପଡ଼ିଛି। ଏହା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ପାର୍କିଂ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଗଲେ ବହୁ ଦୁର୍ଘଟଣା ଉପରେ ରୋକ୍ ଲଗାଯାଇପାରନ୍ତା ବୋଲି ଶ୍ରୀମତୀ ଦାସ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲା ସଭାପତି ନାରାୟଣ ବିଶ୍ୱାଳ, ଅଭିଳାଷ ଚନ୍ଦ୍ର ସାହୁ, ପୁଷ୍ପାଞ୍ଜଳି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କଟକ କଲେଜ ରେଡକ୍ରସ ସଦସ୍ୟଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଶଂସାପତ୍ର

କଟକ, ୨୦।୨(ସମିସ): ବାହାନଗା ରେଳ ଦୁର୍ଘଟଣାରେ ଆହତ ଯାତ୍ରୀମାନଙ୍କ ସହାୟତା ଓ ଚିକିତ୍ସା ପାଇଁ ରକ୍ତଦାନ ନିମନ୍ତେ କଟକ କଲେଜ ରେଡକ୍ରସ୍ ୟୁନିଟର ପାଞ୍ଚ ଜଣ ସଦସ୍ୟଙ୍କୁ କଲେଜ ଅଧ୍ୟକ୍ଷା ଡ. ପ୍ରଣତି ପଟ୍ଟନାୟକ, ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ପ୍ରଦୀପ୍ତ ପାଣ୍ଡି, ରେଡ୍‌କ୍ରସ୍ ଅଧିକାରୀ ଅଧ୍ୟାପକ କୁମାର ପ୍ରଦୀପ୍ତ ମିଶ୍ର, ପଦାର୍ଥ ବିଜ୍ଞାନ ମୁଖ୍ୟ ଅଧ୍ୟାପକ ମଣ୍ଟୁ ଜେନା ପ୍ରମୁଖ ଉପସ୍ଥିତ ରହି ଏହି ମହତ୍ କାର୍ଯ୍ୟ ଯୁବଶକ୍ତିର ସମାଜସେବା ନିମନ୍ତେ ଥିବା ପ୍ରତିଶ୍ରୁତି ବଦ୍ଧତାର ଉତ୍କୃଷ୍ଟ ପ୍ରମାଣ ବୋଲି ମତବ୍ୟକ୍ତ କରିଥିଲେ। ୟୁନିଟ୍ ସଦସ୍ୟ ସର୍ବଶ୍ରୀ ହିତେଶ ପଣ୍ଡା, ସିଦ୍ଧାର୍ଥ ସାହୁ, ରୋଶନ୍ ଦାସ, ସୁବ୍ରତ ମହାନ୍ତି ଓ ସୁରଜ ଶର୍ମା ଏହି ସମ୍ମାନ ଗ୍ରହଣ କରିଛନ୍ତି। ଟିମ୍ ଲିଡର ଚିନ୍ମୟୀ ତରାସିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସିକିମ୍ ସ୍ୱତ୍ୱଧାରୀଙ୍କୁ ପଟ୍ଟା ବଣ୍ଟନ






କଟକ, ୨୦।୨(ସମିସ):

କଟକ ଜିଲ୍ଲାରେ ସିକିମ ସ୍ୱତ୍ୱ ଭାବେ ରେକର୍ଡ ହୋଇଥିବା ଜମିର ଦଖଲକାରୀଙ୍କୁ ଏହି ଜମି ଉପରେ ସ୍ଥିତିବାନ୍ ସ୍ୱତ୍ୱର ପଟ୍ଟା ପ୍ରଦାନ କରାଯାଇଛି। ଏହାଦ୍ୱାରା ଜିଲ୍ଲାର ପ୍ରାୟ ୬୦ ହଜାର ହିତାଧିକାରୀ ଉପକୃତ ହେବେ। ତନ୍ମଧ୍ୟରୁ ଜିଲ୍ଲାର ୧୫ଟି ତହସିଲ ଅନ୍ତର୍ଗତ ୮୬୦ଜଣ ହିତାଧିକାରୀଙ୍କୁ ଆଜି କଟକଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଟ୍ଟା ପ୍ରଦାନ କରାଯାଇଛି। ପଟ୍ଟା ପ୍ରଦାନ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ, ବରିଷ୍ଠ ବିଧାୟକ ପ୍ରତାପ ଜେନା, ଚନ୍ଦ୍ରସାରଥୀ ବେହେରା, ପ୍ରଶାନ୍ତ ବେହେରା, ସୌଭିକ ବିଶ୍ୱାଳ ଓ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଜିଲ୍ଲାପାଳ ବିନୀତ ଭରଦ୍ୱାଜ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ, ଉପଜିଲ୍ଲାପାଳ କମଲଜିତ୍ ଦାସ୍, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଠଗଡ଼ର ଦୀନବନ୍ଧୁ ଦେହୁରୀ, ଟାଙ୍ଗୀ ଚୌଦ୍ୱାରର ସୁଦେଶ ରଞ୍ଜନ ତ୍ରିପାଠୀ, ମାହାଙ୍ଗାର ତାରାକାନ୍ତ ପାଣି, କଟକ ସଦରର ନଟବର ଭୋଇ ଓ ବଡମ୍ବାର ଶ୍ୟାମ ଦାସ ପ୍ରମୁଖ ଉପସ୍ଥିତ ରହି ଅତିଥିଙ୍କଠାରୁ ପଟ୍ଟା ଗ୍ରହଣ କରିଥିଲେ।

**ସିଟି ମଣ୍ଟେସୋରି**
ସିଦ୍ଧାର୍ଥ ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ଗଞ୍ଜାମ
**ନାମଲେଖା ବିଜ୍ଞାପନ (୨୦୨୪-୨୫)**
ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (ସେକ୍ସନ ପି-୯ ଆଇସି) ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ ଏସ୍‌ସି, ଏସ୍‌ଟି, ଏସିବିସି, ସିଡବ୍ଲୁଏସ୍‌ଏନ, ବିପିଏଲ (ଅନୁସୂଚିତ ଜାତି / ଅନୁସୂଚିତ ଉପଜାତି / ସାମାଜିକ ଅନଗ୍ରସର / ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ। ଏହି ବର୍ଗର ଶିଶୁମାନେ ତା.୨୨.୦୨.୨୦୨୪ରିଖ ଠାରୁ ତା.୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.odisha.gov.in website ମାଧ୍ୟମରେ ଆବେଦନ କରିପାରିବେ।
ସା/- ପ୍ରଧାନଆଚାର୍ଯ୍ୟା

ANIMESH INDIAN SNACKS The ultimate name of Quality
ANIMESH FOOD PRODUCTS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com




Contact: 8895052838 / 8596070800



# ନୂଆ ରୂପରେ 'ସିଟି ହସ୍ପିଟାଲ'

**● ୨୬ରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ**
**● ହସ୍ପିଟାଲ ପରିସରରେ ଖୋଲିବ ମିଶନ ଶକ୍ତି କାଫେ**

କଟକ,୨୦।୨(ସମିସ)

ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟରେ 'ଆମ ହସ୍ପିଟାଲ' ଯୋଜନା ବଳରେ ରାଜ୍ୟର ଅନେକ ସରକାରୀ ହସ୍ପିଟାଲର ରୂପାନ୍ତରୀକରଣ ହେଉଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା କଟକ ଜିଲ୍ଲାର ୯ଟି ହସ୍ପିଟାଲର ନବୀକରଣ କାର୍ଯ୍ୟ ଜାରି ରହିଛି। ଆସନ୍ତା ୨୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀକରଣ ହେଉଥିବା ହସ୍ପିଟାଲ ଗୁଡିକର ଉଦ୍‌ଘାଟନ କରିବେ। ତେବେ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭାବେ ପରିଗଣିତ ସିଟି ହସ୍ପିଟାଲର ନବୀକରଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଲାଣି।




ସିଟି ହସ୍ପିଟାଲକୁ ନୂଆ ରୂପ ଦିଆଯାଇଛି। ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କ ନିମନ୍ତେ ଏଠାରେ ଉପଲବ୍ଧ ହେବ ଅନେକ ଅତ୍ୟାଧୁନିକ ବ୍ୟବସ୍ଥା। ପୂର୍ବରୁ ଯେଉଁ ସବୁ ସମସ୍ୟା ଦେଖିବାକୁ ମିଳୁଥିଲା ତାହା ସମ୍ପୂର୍ଣ୍ଣ ଦୂର ହେବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମକରାନନ୍ଦ ବେଉରା କହିଛନ୍ତି।

କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲର ରୂପରେଖ ବଦଳିଛି। ପ୍ରବେଶ ଫାଟକ ଠାରୁ ନେଇ ବିଭିନ୍ନ ୱାର୍ଡ ରୂପାନ୍ତରିତ ହୋଇଛି। କେବଳ ରୋଗୀ ନୁହଁନ୍ତି ରୋଗୀ ସମ୍ପର୍କୀୟଙ୍କୁ ମଧ୍ୟ ବିଭିନ୍ନ ସୁବିଧାସୁଯୋଗ ମିଳି ପାରିବା ଭଳି ବ୍ୟବସ୍ଥା ହୋଇଛି। ଆମ ହସ୍ପିଟାଲ ଯୋଜନା ଅଧିନରେ ସିଟି




ହସ୍ପିଟାଲ ସାମିଲ ହୋଇଛି। ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ସହଯୋଗରେ ସିଟି ହସ୍ପିଟାଲର ନବକଳେବର କରାଯାଇଛି। ଆମ ହସ୍ପିଟାଲ ଯୋଜନା ବଳରେ ସିଟି ହସ୍ପିଟାଲ ନିମନ୍ତେ ମଞ୍ଜୁର ହୋଇଛି ୬ କୋଟି ଟଙ୍କା। ଏଥିରେ କୌଣସି ନୂତନ କୋଠା ନିର୍ମାଣ ହୋଇନାହିଁ, କେବଳ ହସ୍ପିଟାଲର ବିଭିନ୍ନ କୋଠାର ନବୀକରଣ ଏବଂ ସୌନ୍ଦର୍ଯ୍ୟକରଣ ପିଛା ଟଙ୍କା ବ୍ୟୟ କରାଯାଇଛି। ପ୍ରଥମତଃ ସିଟି ହସ୍ପିଟାଲ ପାଚେରୀ ନିର୍ମାଣ ଦିଗରେ ଗୁରୁତ୍ୱ ଦିଆଯାଇଛି। ହସ୍ପିଟାଲର ପରିସୀମାକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ପାଚେରୀ ନିର୍ମାଣ ଓ ମରାମତି କାର୍ଯ୍ୟ ହୋଇଛି। ପ୍ରବେଶ ପଥରେ ନୂତନ ଫାଟକ ଶୋଭା ପାଇବ। ଅନ୍ୟପକ୍ଷରେ ପ୍ରଥମଥର ନିମନ୍ତେ ସିଟି ହସ୍ପିଟାଲରେ ପ୍ରସ୍ତୁତ ହୋଇଛି ଏକ ଅତ୍ୟାଧୁନିକ ପ୍ରତୀକ୍ଷାଗୃହ। ଶୀତତାପ ନିୟନ୍ତ୍ରିତ ଏହି ଗୃହରେ ୨୦୦ ଜଣ ଲୋକ ବସିବା ଭଳି ବ୍ୟବସ୍ଥା ହୋଇଛି। ଏହା ଭିତରେ ଏଲଇଡି ସ୍କ୍ରିନ ଲଗାଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାରପ୍ରସାର କରାଯିବ। ସ୍ୱାସ୍ଥ୍ୟ ସଚେତନତା ଧର୍ମୀ ଭିଡିଓ ପ୍ରଦର୍ଶିତ ହେବ। ମନୋରଞ୍ଜନ ମୂଳକ କାର୍ଯ୍ୟକ୍ରମ ମଧ୍ୟ ପ୍ରସାରଣ କରାଯିବ। ଏହାଛଡ଼ା ମିଶନ ଶକ୍ତି ଦ୍ୱାରା ହସ୍ପିଟାଲ ପରିସରରେ ଏକ ମିଶନ ଶକ୍ତି କାଫେ ଖୋଲିଛି। ୧୨୦୦ ବର୍ଗଫୁଟ ଜାଗାରେ ଏହା ନିର୍ମାଣ ହୋଇଛି। ଏତଦବ୍ୟତୀତ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଢ଼ଙ୍ଗରେ ରୋଗୀ ସେବା କିପରି ଜାରି ରହିବ ସେଥି ନିମନ୍ତେ ମଧ୍ୟ ଯୋଜନା କରାଯାଇଛି। ରୋଗୀଙ୍କୁ ସୁବିଧାସୁଯୋଗ ପ୍ରଦାନ କରାଯିବା ନିମନ୍ତେ ନୂତନ ପଦକ୍ଷେପ ମାନ ଗ୍ରହଣ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବେଉରା କହିଛନ୍ତି ଯେ, ପ୍ରତ୍ୟେକ ରୋଗୀଙ୍କୁ ସୁବିଧାସୁଯୋଗ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ହସ୍ପିଟାଲର ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇଛି। ପୂର୍ବରୁ ରୋଗୀ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଥିଲେ ସେ ସବୁ ଦୂର ହେବ। ଦୁଇଟି ସ୍ଥାନରେ ଲିଫ୍ଟ ବ୍ୟବସ୍ଥା ମଧ୍ୟ କରାଯାଇଛି। ସ୍ୱତନ୍ତ୍ର ଭାବେ ଏକ ନିରାମୟ କେନ୍ଦ୍ର ଖୋଲାଯାଇଛି। ଏ ସବୁ ବ୍ୟବସ୍ଥା ସିଟି ହସ୍ପିଟାଲରେ ରୋଗୀ ସେବାକୁ ଆହୁରି ସହଜସାଧ୍ୟ କରିବ ବୋଲି ସେ ଜଣାଇଛନ୍ତି।




## ନରସିଂହପୁର ଡାକ୍ତରଙ୍କ ସହ କଥା ହେବେ ମୁଖ୍ୟମନ୍ତ୍ରୀ

ସିଟି ହସ୍ପିଟାଲ ସମେତ ନବୀକରଣ ହୋଇଥିବା ଆଠଗଡ ଉପଖଣ୍ଡ ହସ୍ପିଟାଲ, ବାଙ୍କୀ ଉପଖଣ୍ଡ ହସ୍ପିଟାଲ, ଚାଉଳିଆଗଞ୍ଜ, ଅଡଶପୁର, ନରସିଂହପୁର ଟାଙ୍ଗୀ, ବେଣ୍ଟକାର ହସ୍ପିଟାଲ ଗୁଡିକ ମଧ୍ୟ ଉଦ୍‌ଘାଟିତ ହେବ। ମାହାଙ୍ଗା ଅଞ୍ଚଳରେ ଥିବା ସରକାରୀ ହସ୍ପିଟାଲର ନବୀକରଣ କାର୍ଯ୍ୟ ଜାରି ରହିଛି। ମାତ୍ର ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବାରୁ ଏହାକୁ ଉଦ୍‌ଘାଟନ କରାଯିବ ନାହିଁ। ଅପରପକ୍ଷରେ ନରସିଂହପୁର ହସ୍ପିଟାଲର ଡାକ୍ତର ଏବଂ ଅନ୍ୟ ଅଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ସିଧାସଳଖ ଆଲୋଚନା କରିବେ ବୋଲି ଜଣାପଡ଼ିଛି।




**● ସଚେତନ କରୁଛି ପିସିଆର୍**

## 'ନକଲି ପୁଲିସ ପ୍ରତି ସାବଧାନ'



**କଟକ,୨୦।୨(ସମିସ):** କଟକରେ ନକଲି ପୁଲିସଙ୍କ ଦୌରାତ୍ମ୍ୟ ପୂର୍ବରୁ ଅନେକ ଥର ଦେଖିବାକୁ ମିଳିଛି। ମାଲଗୋଦାମ ଥାନା ଅଞ୍ଚଳରେ ଜଣେ ପୂଜକଙ୍କ ଠାରୁ କିଛି ଦୁର୍ବୃତ୍ତ ନିଜକୁ ପୁଲିସ ପରିଚୟ ଦେଇ ଲୁଟ୍ କରିଥିଲେ। ସେହିପରି ବାଦାମବାଡି ଥାନା ଅଞ୍ଚଳରେ ମଧ୍ୟ ଜଣେ ଯୁବକ ନିଜକୁ ପୁଲିସ ପରିଚୟ ଦେଇ ଦାଦାବଟି ଆଦାୟ କରୁଥିବାର ଉଦାହରଣ ରହିଛି। ଏଣୁ ରୌପ୍ୟନଗରୀ କଟକରେ ନକଲି ପୁଲିସ ପ୍ରତି ସାବଧାନ ରହିବାକୁ ସଚେତନ କରୁଛି କଟକ କମିଶନରେଟ ପୁଲିସ। ମଙ୍ଗଳବାର ବିଭିନ୍ନ ଥାନାର ପିସିଆର ଭ୍ୟାନ ବୁଲିବୁଲି ଏ ନେଇ ଘୋଷଣା କରିଥିଲା। ଯଦି କେହି ନିଜକୁ ପୁଲିସର ପରିଚୟ ଦିଅନ୍ତି ଏବଂ ସେ ବ୍ୟକ୍ତି ପ୍ରତି ସନ୍ଦେହ ଜାତ ହୁଏ ତାହେଲେ ତୁରନ୍ତ ଟୋଲଫ୍ରି ୧୧୨ ନମ୍ବରରେ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି।

# ପାଇପ୍ ତିଆରି କାରଖାନାରେ ଅଗ୍ନିକାଣ୍ଡ



କଟକ,୨୦।୨(ସମିସ)

ଜଗତପୁର ନୂତନ ଶିଳ୍ପାଞ୍ଚଳ ଫେଜ-୨ରେ ଥିବା ଏକ ପାଇପ ତିଆରି କାରଖାନାରେ ମଙ୍ଗଳବାର ବଡ ଧରଣର ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗି କାରଖାନା ଭିତରେ ଥିବା ସମସ୍ତ ଜିନିଷପତ୍ର ପୋଡି ପାଉଁଶ ହୋଇଯାଇଛି। ଉକ୍ତ କାରଖାନାରେ ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବାରୁ ନିଆଁ ବ୍ୟାପିଥିଲା। ତେବେ ଅଗ୍ନିଶମ ବାହିନୀ ନିଆଁ ଲିଭାଇବାରେ ସଫଳ ହୋଇଥିଲେ। ଅଘଟଣରେ କେହି ମୃତାହତ ହୋଇନଥିଲେ ମଧ୍ୟ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ନୂତନ ଶିଳ୍ପାଞ୍ଚଳ ଫେଜ-୨ରେ ହାଇ-ଟେକ ଇଣ୍ଡଷ୍ଟ୍ରିଜ ନାମରେ ଏକ କାରଖାନା ରହିଛି। ସେଠାରେ ବିଦ୍ୟୁତ ୱାୟାରିଂରେ ବ୍ୟବହୃତ ପ୍ଲାଷ୍ଟିକ ପାଇପ ତିଆରି କରାଯାଏ। ସକାଳ ପ୍ରାୟ ୭ଟା ହେବ। ସବୁ ଦିନ ଭଳି ଶ୍ରମିକ ଓ କର୍ମଚାରୀମାନେ କାରଖାନାରେ ପହଞ୍ଚି କାମ ଆରମ୍ଭ କରିଥିଲେ। କିଛି ସମୟ ପରେ ହଠାତ ଏକ ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳିଲା। ପରେ ମେସିନରୁ ନିଆଁ ହୁଳା ବାହାରିଥିଲା। ଏହାଦେଖି କର୍ମଚାରୀମାନେ ଭୟଭୀତ ଧାଁଦଉଡ କରି ବାହାରୁ ଚାଲିଆସିଲେ। କ୍ଷଣିକ ଭିତରେ କାରଖାନା ଭିତରେ ନିଆଁ ବ୍ୟାପି ଯାଇଥିଲା। ଖବର ପାଇ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରରୁ ଗୋଟିଏ ଟିମ ପହଞ୍ଚି ନିଆଁ ଲିଭାଇଥିଲା। ପ୍ରାୟ ୧ ଘଣ୍ଟା ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲା । ଅଗ୍ନିକାଣ୍ଡରେ କାରଖାନାର ବିଭିନ୍ନ ଯନ୍ତ୍ରାଂଶ, ଗଚ୍ଛିତ ପର୍ଯ୍ୟାପ୍ତ କଞ୍ଚାମାଲ ସବୁ ପୋଡି ପାଉଁଶ ହୋଇଯାଇଛି। ପ୍ରାୟ ୫ଲକ୍ଷରୁ ଉଦ୍ଧ୍ୱର୍ ଟଙ୍କାର ସମ୍ପତ୍ତି କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଇଛି।

## ଡିସିଏଫ୍ ପଦୋନ୍ନତି ମାମଲା ପୂର୍ଣ୍ଣାଙ୍ଗ ଶୁଣାଣି ୨୮ରେ

**କଟକ, ୨୦।୨(ସମିସ):** ଡେପୁଟି କଞ୍ଜରଭେଟର ଅଫ୍ ଫରେଷ୍ଟ (ଡିସିଏଫ୍) ପଦୋନ୍ନତି ପ୍ରସଙ୍ଗରେ ରୁଜୁ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଆସନ୍ତା ୨୮ ତାରିଖକୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ଅନ୍ୟପଟରେ ପୂର୍ବରୁ ଏହି ମାମଲାରେ ଥିବା ଅନ୍ତରୀଣ ରହିତାଦେଶ ବଳବତ୍ତର ରହିଛି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣସିଂହ ଓ ଜଷ୍ଟିସ ସଂଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରେ ଅନ୍ତରୀଣ ରହିତାଦେଶ ରହିଥିବାରୁ ଆସିଷ୍ଟାଣ୍ଟ କଞ୍ଜରଭେଟର ଅଫ୍ ଫରେଷ୍ଟ (ଏଏସିଏଫ୍)ରୁ ଡିସିଏଫ ପଦକୁ ପଦୋନ୍ନତି ପ୍ରସଙ୍ଗରେ ନିୟମ କୋହଳ ଲାଗୁ କରାଯାଇପାରିବ ନାହିଁ। ପ୍ରକାଶଥାଉକି ଡିସିଏଫ୍ ପଦୋନ୍ନତି ତାଲିକାକୁ ୨୦୨୩, ନଭେମ୍ବର ୧୦ରେ ଜଣିକିଆ ବିଚାରପତି ରଦ୍ଦ କରି ରାୟ ପ୍ରଦାନ କରିଥିଲେ। ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ସମ୍ପୃକ୍ତ ତାଲିକାରେ ସ୍ଥାନ ପାଇଥିବା କେତେକ ଏସିଏଫ୍ ଅଧିକାରୀ ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲେ। ଏହି ରିଟ୍ ଅପିଲରେ ଦର୍ଶାଯାଇଛି ଯେ ୫ ବର୍ଷ କାର୍ଯ୍ୟକାଳ ଯୋଗ୍ୟତା ସମ୍ପର୍କିତ ନିୟମାବଳୀ କୋହଳ ପାଇଁ ନିର୍ଦ୍ଦେଶ ଦିଆଯିବା ବିଧି ସମ୍ମତ ନୁହେଁ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ନରେନ୍ଦ୍ର କିଶୋର ମିଶ୍ର ଓ ଆଇନଜୀବୀ ଦୀପକ ପାଣି ମାମଲା ପରିଚାଳନା କରୁଛନ୍ତି।

## ୬୪ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

**କଟକ,୨୦।୨(ସମିସ):** ଜିଲ୍ଲା ଅବକାରୀ ବିଭାଗର ମୋବାଇଲ୍ ୟୁନିଟ୍ ଓଏମ୍‌ପି ଛକରେ ଚଢ଼ାଉ କରି ଜଣେ ନିଶା ବେପାରୀକୁ ଗିରଫ କରିଛି। ଅଭିଯୁକ୍ତଠାରୁ ୬୪ ଗ୍ରାମ୍ ଓଜନର ବ୍ରାଉନସୁଗର ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ସାଢ଼େ ୬ ଲକ୍ଷ ଟଙ୍କା। ଗିରଫ ଅଭିଯୁକ୍ତ ଜଣକ ହେଉଛି କଲେଜଛକ ପାଟରାସାହିର ତ୍ରିଲୋଚନ ପାତ୍ର। ଘଟଣାରୁ ପ୍ରକାଶ ଯେ, ଅଭିଯୁକ୍ତ ତ୍ରିଲୋଚନ କିଛି ନିଶାଦ୍ରବ୍ୟ ରଖି ଓଏମ୍‌ପି ବସ୍ ଷ୍ଟପ୍ ପାଖରେ ବାଇକ୍ ଧରି ଛିଡ଼ା ହୋଇଥିବା ମୋବାଇଲ ୟୁନିଟକୁ ଖବର ମିଳିଥିଲା। ଅବକାରୀ ଟିମ୍ ତାକୁ ସେଠାରେ ଅଟକ ରଖି ଯାଞ୍ଚ କରିବାରୁ ଏକ ଜରି ଭିତରେ ବ୍ରାଉନସୁଗର ମିଳିଥିଲା। ପରେ ତାହାକୁ ପରୀକ୍ଷା କରିବା ସହ ଓଜନ କରିବାରୁ ତାହା ୬୪ ଗ୍ରାମ୍ ଓଜନର ବୋଲି ସ୍ପଷ୍ଟ ହୋଇଥିଲା। ତ୍ରିଲୋଚନ ଷ୍ଟେସନ୍ ଏବଂ ଓଏମ୍‌ପି ଅଞ୍ଚଳରେ ବ୍ରାଉନସୁଗର ବିକ୍ରି କରେ।

# ସହରର ବିଭିନ୍ନ ବିଦ୍ୟାଳୟରେ ଚାଲିଛି ମାଟ୍ରିକ ପରୀକ୍ଷା





କଟକ,୨୦।୨(ସମିସ)

ଛାତ୍ର ଜୀବନର ଗୁରୁତ୍ୱପୂର୍ଣ୍ଣ ସୋପାନ ଦଶମ ଶ୍ରେଣୀର ମାଟ୍ରିକ ପରୀକ୍ଷା; ଯାହା କି ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଉଚ୍ଚଶିକ୍ଷାର ସ୍ୱପ୍ନ ଦେଖିଥିବା ଛାତ୍ରଛାତ୍ରୀମାନେ ପରୀକ୍ଷା ହଲ୍‌ରେ ନିଜ ଭାଗ୍ୟ ପରୀକ୍ଷା ଦେଉଛନ୍ତି। ହଲ୍ ଭିତରେ ଛାତ୍ରଛାତ୍ରୀଙ୍କ ଉତ୍ତର ଲେଖା ଓ ହଲ୍ ବାହାରେ ଅଭିଭାବକଙ୍କ ପ୍ରତୀକ୍ଷା ଭିତରେ ଚାଲିଛି ରାଜ୍ୟରେ ମାଟ୍ରିକ ପରୀକ୍ଷା। ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ଏହା ପରିଚାଳିତ ହେଉଛି। ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଶୁଭମନାସି ଶିକ୍ଷକ ଶିକ୍ଷୟିତ୍ରୀମାନେ ପରୀକ୍ଷା ହଲ୍ ବାହାରେ ସେମାନଙ୍କୁ ମିଠା ବଣ୍ଟନ କରୁଥିବା ମଧ୍ୟ ଦେଖିବାକୁ ମିଳିଛି।






# ଧାରଣାରେ ରାଜସ୍ୱ ନିରୀକ୍ଷକ: କାର୍ଯ୍ୟ ବାଧାପ୍ରାପ୍ତ

**ସାଲେପୁର,୨୦ ।୨(ସମିସ)**



ସାଲେପୁର ତହସିଲଦାରଙ୍କ କାର୍ଯ୍ୟାଳୟ ଆଗରେ ରାଜସ୍ୱ ଅଧିକାରୀମାନେ ସେମାନଙ୍କର ୬ଦଫା ଦାବି ନେଇ ଧାରଣାରେ ବସିଛନ୍ତି। ଓଡିଆରଏସ୍ ନିୟମ ୧୯୮୩ର ଆବଶ୍ୟକୀୟ ସଂଶୋଧନ ମାଧ୍ୟମରେ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ, ସରକାରୀ ରାଜସ୍ୱ ନିରୀକ୍ଷକଙ୍କ ବେତନ ସଂରଚନାରେ ପରବର୍ତ୍ତୀସ୍ତରକୁ ତଥା ଓଆରଏସ୍‌ପିର ସ୍ତର ୮(ସେଲ୍-୧) ଏବଂ ୯୦% ରାଜସ୍ୱ ନିରୀକ୍ଷକ ପଦବୀ ପଦୋନ୍ନତି ପଦ ଭାବେ ସ୍ଥିର କରାଯିବା ଦାବି ସହ ଅନ୍ୟାନ୍ୟ ଦାବି ନେଇ ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ଚାଲିବ ବୋଲି ସେଠାରେ ଉପସ୍ଥିତ ଥିବା ଧାରଣାକାରୀମାନେ କହିଛନ୍ତି। ଏହି ଧାରଣା ଫଳରେ ସାଲେପୁର ବ୍ଲକ୍‌ରେ ଥିବା ସମସ୍ତ ରାଜସ୍ୱ ସର୍କଲରେ ଲୋକମାନଙ୍କର କାମ ଠପ୍ ହୋଇଯାଇଛି। ବିଶେଷ କରି ମ୍ୟୁଟେସନ୍ କେସ୍ ଠାରୁ ଆରମ୍ଭ କରି ବିଭିନ୍ନ ଜମିଜମା ସଂପର୍କୀୟ କାର୍ଯ୍ୟ ଗୁଡିକ ହୋଇପାରୁନାହିଁ। ଯାହା ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆଜି ଏହି ଧାରଣାରେ ଦୀପ୍ତିରଞ୍ଜନ ପ୍ରିୟଦର୍ଶୀ ବେହେରା, ସୌଭାଗ୍ୟରଞ୍ଜନ ଧଳ, କୁମୁଦିନୀ ଜେନା, ସଞ୍ଜୟ ନାୟକ, ଜୟନ୍ତୀ ବେହେରା, ରବିନ୍ଦ୍ର ବେହେରା, ବିଶ୍ୱନାଥ ପ୍ରଧାନ, ଶରତ ବାରିକ, ନିରୋଜୀନି ବେଜ, ଶୁଭଶ୍ରୀ ଶୁଭସ୍ମିତା, ସିନି ବେହେରା, ଶାଶ୍ୱତ ସ୍ୱରୂପ କଅଁର, ଶୁଭ୍ରାଲିନ୍ ମାତି, ଏସ୍‌ଆର ସୌମ୍ୟରଞ୍ଜନ, ବିଶ୍ୱଜିତ୍ ମହାନ୍ତି, ଶାରଦା ପ୍ରସନ୍ନ ସାହୁ, ଲକି ବେହେରା, ସମୀର ପ୍ରଧାନ, ରାଜେଶ ମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଶାନ୍ତ ପରିଡ଼ା, ନିକି ମିଞ୍ଜଙ୍କ ସମେତ ୨୨ଜଣ ରାଜସ୍ୱ ଅଧିକାରୀ ଓ ଅତିରିକ୍ତ ରାଜସ୍ୱ ଅଧିକାରୀମାନେ ଧାରଣାରେ ବସିଛନ୍ତି।

## ରେଳ ଧାରଣାରୁ ମୃତଦେହ ଉଦ୍ଧାର

**ଚୌଦ୍ୱାର,୨୦।୨(ସମିସ):** ପୂର୍ବତଟ ରେଳପଥର ଚୌଦ୍ୱାର ନିକଟ ମଙ୍ଗୁଲି-ଚୌଦ୍ୱାର ରେଳ ଷ୍ଟେସନ ନିକଟରେ ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ରେଳ ଧାରଣା ଉପରେ ପଡ଼ିଥିବା ମଙ୍ଗଳବାର ସକାଳେ ଦେଖିବାକୁ ମିଳିଛି। ରେଳପଥର ଡାଉନ୍ ଲାଇନ୍‌ର ଗୋଟିଏ ପଟେ ଯୁବକଙ୍କ କଟାମୁଣ୍ଡ ପଡ଼ିଥିବାବେଳେ ଅନ୍ୟପଟେ ମୁଣ୍ଡବିହୀନ ଶରୀର ପଡ଼ିଥିବା ଦେଖିବାକୁ ମିଳିଛି। ଖବର ପାଇ ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିଚୟ ଜଣାପଡ଼ିନାହିଁ। ତେବେ ସେ ରେଳଧାରଣାରେ ମୁଣ୍ଡରଖି ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ଜମିଜମା ବିବାଦକୁ କେନ୍ଦ୍ରକରି ଉତ୍ତେଜନା

**ଟାଙ୍ଗୀ,୨୦ ।୨(ସମିସ):** ଜମିଜମା ବିବାଦକୁ କେନ୍ଦ୍ରକରି ଟାଙ୍ଗୀ ଥାନା କହ୍ନେଇପୁର ପଞ୍ଚାୟତ ଭଗତପୁର ମୁସଲମାନ ବସ୍ତିରେ ଉତ୍ତେଜନା ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ସେକ୍ ଫଇଜୁ ନାମକ ଜଣେ ବ୍ୟକ୍ତି ଉକ୍ତ ବସ୍ତିରେ ବାସ କରୁଥିଲେ। ତାଙ୍କର କୌଣସି ସନ୍ତାନସନ୍ତତି ନଥିଲେ ବି ଭଉଣୀ ଭଣଜା ରହିଥିଲେ। ଅର୍ଥ ଆବଶ୍ୟକ ପଡ଼ିବାରୁ ସେକ୍ ଫଇଜୁ ୧୯୭୮ ମସିହାରେ ନିଜ ଘରଡିହ ଜମିର କିଛି ଅଂଶ ପଡ଼ୋଶୀଙ୍କୁ ବିକ୍ରି କରିଥିଲେ। ଏହି ସମୟରେ କରିମ ଖାଁ ନାମକ ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ସମ୍ପର୍କ ସ୍ଥାପନ ହୋଇଥିଲା। ନିଜର ପିଲାପିଲି ନ ଥିବାରୁ ସେ ତାଙ୍କୁ ରହିବା ପାଇଁ କିଛି ଘରଡିହ ଜମି ସହ ଚାଷଜମି ପ୍ରଦାନ କରିଥିଲେ। ମାତ୍ର ବିଭିନ୍ନ କାରଣରୁ କରିମ ଖାଁ ନିଜର ପୈତୃକ ସମ୍ପତ୍ତି ବିକ୍ରି କରିଦେଇ ସେକ୍ ଫଇଜୁଙ୍କ ସମ୍ପତ୍ତି



ଉପରେ ଦୃଷ୍ଟି ପକାଇଥିଲେ। ସେଥିପାଇଁ ଭୋଟର ପରିଚୟ ପତ୍ରରେ ନିଜକୁ ସେକ୍ କରିମ୍ ପିତା- ସେକ୍ ଫଇଜୁ ବୋଲି ଦର୍ଶାଇ ଜମି ଓ ଘରଡିହ ବିକ୍ରି କରିଦେଲେ। ଏପରିକି ତିନି ପୁଅ ଥାଉ ଥାଉ ଜଣେ ପୁଅକୁ ବିକ୍ରି କରିଥିବା ଜମି କବଲାରେ ଏକମାତ୍ର ସନ୍ତାନ ବୋଲି ଉଲ୍ଲେଖ ରହିଛି। ମାତ୍ର ସେକ୍ ଫଇଜୁ ଓ ସେକ୍ କରିମ ବହୁ ବର୍ଷ ହେଲା ପରଲୋକ ଗମନ କରିଥିବାବେଳେ ଜମିକୁ ନେଇ ତାଙ୍କ ପିଲାମାନଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଫଳରେ ସରକାରୀ ଅମୀନଙ୍କ ଦ୍ୱାରା ମାପଚୁପ ବେଳେ ସ୍ଥାନୀୟ ସରପଞ୍ଚ ଭରତ ବେହେରା, ସୂଚନା ଅଧିକାର କର୍ମୀ ସ୍ୱଦେଶ ରଞ୍ଜନ ତ୍ରିପାଠୀଙ୍କ ସମେତ ବହୁ ଭଦ୍ରଲୋକ ଉପସ୍ଥିତ ଥିଲେ।

## ବଟକୃଷ୍ଣ ସାହୁଙ୍କ ସ୍ମୃତିସଭା



ମାହାଙ୍ଗା,୨୦।୨(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଣିଯୋରୀ ଗ୍ରାମର ପ୍ରାକ୍ତନ ରାଜସ୍ୱ ନୀରିକ୍ଷକ ସ୍ୱର୍ଗତ ବଟକୃଷ୍ଣ ସାହୁଙ୍କ ଏକାଦଶହା ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଯୁଟିଆ ଶିକ୍ଷକ ସଂଘର ରାଜ୍ୟ ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରତାପ ଜେନା, ସମାଜସେବୀ ସେକ୍ ମସୁଦ୍ ଅଲ୍ଲୀ, ଗବେଷକ ଡ. ଏକାଦଶୀ ପ୍ରଧାନ, ନଳିନୀକାନ୍ତ ନାୟକ, ରମେଶ ଚନ୍ଦ୍ର ସାହୁ, ଅଶୋକ ପରିଡା, ପ୍ରଦୀପ୍ତ ସ୍ୱାଇଁ, ତ୍ରିଲୋଚନ ସାହୁ, ରାଧାକାନ୍ତ ସ୍ୱାଇଁ, ବଂଶୀଧର ରାଉତ, ନିରଞ୍ଜନ ସାହୁ, ନିତ୍ୟାନନ୍ଦ ରାଉତ, ବାବାଜୀ ଚରଣ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ୱର୍ଗତ ସାହୁଙ୍କର ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନିଶ୍ଚିନ୍ତକୋଇଲି,୨୦।୨(ସମିସ):** ନଟକାଇ ପଞ୍ଚାୟତ ସ୍ଥିତ ଚକ୍ରଧର ମୋମୋରିଆଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ପ୍ରଧାନଶିକ୍ଷକ ହରେକୃଷ୍ଣ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଜୟଦେବ ରାଉତ ଯୋଗଦେଇ ଶିକ୍ଷା ଗ୍ରହଣ ସହ ଉତ୍ତମ ଚରିତ୍ର ଗଠନ ଗୁରୁଜନମାନଙ୍କୁ ଭକ୍ତି ପ୍ରଦର୍ଶନ କଲେ ଜୀବନରେ ଉଚ୍ଚ ସୋପାନକୁ ଯାଇପାରିବ ବୋଲି ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ନାରାୟଣ ରାଉତ, ସମ୍ମାନୀତ ଅତିଥି ଭାବେ ସିଆରସିସି ନରେନ୍ଦ୍ରନାଥ ସାହୁ, ସ୍କୁଲ ପରିଚାଳନା କମିଟିର ସଭାପତି ପ୍ରଭାକର ବସ୍ତିଆ, ପରିବେଶବିତ୍ ପ୍ରମୋଦ ଦାଶ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଜୟଶ୍ରୀ ଶତପଥୀ, ସୁମିତ୍ରା ଦଳାଇ, ନମିତା କର, ଲକ୍ଷ୍ମୀପ୍ରିୟା ଜେନା, ଶିକ୍ଷକ ପ୍ରଦୀପ୍ତ ପଣ୍ଡା, ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଶିକ୍ଷୟିତ୍ରୀ ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**'ସକାଳ'ରେ ଖବର ପ୍ରକାଶ ପରେ**

## ସଜଡ଼ାହେଲା ପାଣି ପାଇପ୍



**ଟାଙ୍ଗୀ,୨୦ ।୨(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀ ବଣିଆ ସାହିରେ ପାଣି ପାଇପ ଫାଟି ଜାକନା ସାହିର ଜଳଯୋଗାଣ ବାଧାପ୍ରାପ୍ତ ଘଟଣା 'ସକାଳ'ରେ ପ୍ରକାଶିତ ହେବା ପରେ ଏହାର ତତ୍କାଳ ପ୍ରଭାବ ଦେଖିବାକୁ ମିଳିଛି। ବିଭାଗୀୟ କର୍ମଚାରୀ ପାଣି ପାଇପ ମରାମତି କରିବା ପରେ ମଙ୍ଗଳବାର ଜଳଯୋଗାଣ ସ୍ୱାଭାବିକ ହୋଇଥିବା ଜାଣିବାକୁ ମିଳିଛି। ପ୍ରକାଶ ଥାଉକି ବିଦ୍ୟୁତ ବିଭାଗ କର୍ମଚାରୀ କେବୁଲ ବିଛାଇବା କାମ କଲାବେଳେ ପାଣି ପାଇପ୍ ଫଟାଇ ଦେଇଥିଲେ ହେଁ ମରାମତି ନ କରି ଛାଡ଼ି ଦେଇଥିଲେ। ଘଟଣା ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କେହି କର୍ଣ୍ଣପାତ କରି ନ ଥିଲେ। ସ୍ଥାନୀୟ ବାସିନ୍ଦା ୫ଦିନ ଜଳ ସମସ୍ୟା ଭୋଗିବା ପରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେବା ଖବର ଗତ ୧୮ ତାରିଖ 'ସକାଳ' କାଗଜରେ ପ୍ରକାଶିତ ହୋଇଥିଲା। ପରେ ବିଭାଗର ନିଦ ଭାଙ୍ଗିବା ସହ ପାଣି ପାଇପ ମରାମତି କରାଯାଇଥିଲା।

## ବାଙ୍କୀ କଲେଜରେ ଅଧ୍ୟାପକ ଚୟନ ପ୍ରକ୍ରିୟା

**ବାଙ୍କୀ,୨୦।୨(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଜି ବିଭିନ୍ନ ସ୍ନାତକୋତ୍ତର ବିଭାଗ ପାଇଁ ଅଧ୍ୟାପକ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ସଂଯୋଜକ ଡ. ଶଶିଭୂଷଣ ମହାପାତ୍ର, ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି ଓ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅଧ୍ୟାପକ ନିରାକାର ସାମନ୍ତରାୟ, ଅଧ୍ୟାପିକା ଅର୍ପିତା ଅପରାଜିତା ଓ ଅଧ୍ୟାପିକା ସଂଘମିତ୍ରା ଭୂତିଆ ପ୍ରମୁଖ ଉପସ୍ଥିତ ରହି ଚୟନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ।

## ବିଡିଓଙ୍କ ନିର୍ଦ୍ଦେଶ ପରେ ବୃଦ୍ଧାଙ୍କୁ ମିଳିଲା ଭତ୍ତା

**ସାଲେପୁର,୨୦ ।୨(ସମିସ):** ସାଲେପୁର ବ୍ଲକ୍‌ର ଚନ୍ଦ୍ରାଦେଇପୁର ଗ୍ରାମପଞ୍ଚାୟତର ଲୁଣାହାର ଗ୍ରାମରେ ୮୦ବର୍ଷର ବୃଦ୍ଧା କ୍ଷୀର ଭୋଇ ଦୟନୀୟ ଅବସ୍ଥାରେ ଘରେ ପଡି ରହିଥିବାବେଳେ ୫ମାସ ଧରି ତାଙ୍କୁ ଭତ୍ତା ଟଙ୍କା ମିଳିପାରି ନ ଥିଲା। ଏହି ଘଟଣାରେ ଲୁଣାହାର ଗ୍ରାମର ସମାଜସେବୀ ବିବେକାନନ୍ଦ ଭୂୟାଁ ଏ ସମ୍ପର୍କରେ ସାଲେପୁର ବିଡିଓ ଖଗେଶ୍ୱର ପାତ୍ରଙ୍କୁ ଏହି ଦୁଃସ୍ଥ ମହିଳାଙ୍କୁ ତୁରନ୍ତ ଭତ୍ତା ଟଙ୍କା ଦେବା ପାଇଁ ନିବେଦନ କରିଥିଲେ। ସାଲେପୁର ବିଡିଓ ଏହି ଘଟଣାରେ ନିଜ ତରଫରୁ ଉଦ୍ୟମ କରିବା ସହ ଭତ୍ତା ଟଙ୍କା ପାଇବାକୁ ଡେରି ହୋଇଥିବାରୁ ସଙ୍ଗେ ସଙ୍ଗେ ଚନ୍ଦ୍ରାଦେଇପୁର ପଞ୍ଚାୟତର



ନିର୍ବାହୀ ଅଧିକାରୀ ସମାପିକା ମହାନ୍ତିଙ୍କୁ ଭତ୍ତା ଟଙ୍କା ବଣ୍ଟନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାରେ ବ୍ୟାଙ୍କ୍ ଅଫ୍ ବରୋଦାର ଶାଖା ପରିଚାଳକ ସନ୍ତୋଷ ଶତପଥୀ ସଙ୍ଗେ ସଙ୍ଗେ ଏହି ମହିଳାଙ୍କର ୨୮ଶହରୁ ଉଦ୍ଧ୍ୱର୍ ଭତ୍ତା ଟଙ୍କା ହାତରେ ଧରି ସ୍ଥାନୀୟ ଅଞ୍ଚଳର ସରପଞ୍ଚ ରଶ୍ମିତା ଦାସଙ୍କ ପରାମର୍ଶ କ୍ରମେ ଲୁଣାହାର ଗ୍ରାମରେ ଏହି ଟଙ୍କା ଅସହାୟା ମହିଳାଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତର ସମାଜସେବୀ ସୌମ୍ୟରଞ୍ଜନ ମଲ୍ଲ ଏବଂ ନିର୍ବାହୀ ଅଧିକାରୀ ସମାପିକା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଓଟିଏମ୍ କଲୋନୀବାସୀଙ୍କ ପକ୍ଷରୁ ପୂର୍ବତନ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଚୌଦ୍ୱାର,୨୦।୨(ସମିସ):** ବନ୍ଦ ଓଟିଏମ୍ ଭିତ୍ତିଭୂମି ଉପରେ ୱେଲସ୍ପନ୍ ଶିଳ୍ପଗୋଷ୍ଠୀ ଦ୍ୱାରା ସମନ୍ୱିତ ବୟନ ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଗତ ୧୭ ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ତେବେ ଏହି କାରଖାନା ପ୍ରତିଷ୍ଠା ପାଇଁ ବିସ୍ଥାପିତ ହେଉଥିବା ଓଟିଏମ୍ କଲୋନୀ ବାସୀ ଓ କଲୋନୀ ସଂଲଗ୍ନ ବସ୍ତି ବାସିନ୍ଦାଙ୍କୁ ଥଇଥାନ କରିବା ପାଇଁ ପଦକ୍ଷେପ ନେବାକୁ କଟକ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା '୫-ଟି' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍ ଉକ୍ତ ଭିତ୍ତିପ୍ରସ୍ତର ସ୍ଥାପନ ସଭାରେ ଘୋଷଣା କରିଥିଲେ। ଏହି ଖବରରେ ଓଟିଏମ୍ କଲୋନୀ ବାସୀ ଓ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।



ସେମାନଙ୍କ ଥଇଥାନ ପାଇଁ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନିରନ୍ତର ପ୍ରୟାସ ଓ ସରକାରୀସ୍ତରରେ ତାଙ୍କର ପ୍ରଚେଷ୍ଟା ପାଇଁ ବିସ୍ଥାପିତଙ୍କ ଥଇଥାନର ବାଟ ଫିଟିଲା ବୋଲି ମତ ପ୍ରକାଶ ପାଇଛି। ଶ୍ରୀ ବିଶ୍ୱାଳଙ୍କ ଏହି ପ୍ରୟାସ ପାଇଁ କଲୋନୀବାସୀ ଓ ବସ୍ତିବାସିନ୍ଦାଙ୍କ ତରଫରୁ ତାଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିବା ସହିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶିବାଜୀ ପଟ୍ଟନାୟକ, ମାନସ ଖୁଣ୍ଟିଆ, ଅଶ୍ୱିନୀ ଜେନା, କାଉନସିଲର ସୁବ୍ରତ ସାମଲ, ପୂର୍ବତନ କାଉନସିଲର ମନୋଜ ମହାନ୍ତି, ବିଶ୍ୱ ରଞ୍ଜନ କର, ରବି ନାରାୟଣ ରାଉତ, କାହ୍ନୁ ନନ୍ଦ, ବିଶ୍ୱଜିତ ଭଞ୍ଜ, ଦିବ୍ୟ ବଳ, ଦିବାକର ପଟ୍ଟନାୟକ ପ୍ରମୁଖ ଡ. ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଈଶାଣେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



**ମାହାଙ୍ଗା,୨୦।୨(ସମିସ):** ମାହାଙ୍ଗା ବ୍ଲକ କୁଣ୍ଡି ପଞ୍ଚାୟତ ନନ୍ଦକିଶୋରପୁରସ୍ଥିତ ଈଶାଣେଶ୍ୱର ମନ୍ଦିର ପରିସରରେ ୫ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ବିଶ୍ୱଶାନ୍ତି ମହାଯଜ୍ଞ ଆଜି ଉଦ୍‌ଯାପତି ହୋଇଯାଇଛି। ସ୍ଥାନୀୟ କୁଣ୍ଡି ଓ ମଧୁପୁର ପଞ୍ଚାୟତର ଗ୍ରାମବାସୀଙ୍କ ସହଯୋଗରେ ଦୀର୍ଘ ୬୫ ବର୍ଷ ଧରି ଏହି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ବାବା ଅଭେଦାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜତି ଏହି ଯଜ୍ଞରେ ରମେଶ ଚନ୍ଦ୍ର ପତି କର୍ତ୍ତା ଭାବେ ପୂଜା ସଂପାଦନ କରିଥିବାବେଳେ ପଣ୍ଡିତ କୃଷ୍ଣଚନ୍ଦ୍ର ଷଡଙ୍ଗୀ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ବେଦ କାର୍ଯ୍ୟ ସଂପନ୍ନ ହୋଇଥିଲା। ଅନୁଷ୍ଠାନର ପୁରୋଧା ବରଦା ପ୍ରସାଦ ଦାସ, ପ୍ରଦୀପ୍ତ ନନ୍ଦ, ବିଜୟାନନ୍ଦ ସ୍ୱାଇଁ, ଜୟନ୍ତ ବିଶ୍ୱାଳ, ସନ୍ତୋଷ ସାମଲ, ଚନ୍ଦନ ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ପବିତ୍ର ପ୍ରଧାନ, ସତ୍ୟଜିତ କିଶୋର ଦାସ, ସରୋଜ ରାଉତ, ଧ୍ରୁବଚରଣ ରାଉତ, ବଟକୃଷ୍ଣ ବର୍ଦ୍ଧନଙ୍କ ସମେତ ସମସ୍ତ ଗ୍ରାମବାସୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଡିକି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍

**ଆଠଗଡ଼,୨୦।୨(ସମିସ):** ଆଠଗଡ଼ ଥାନା ଅନ୍ତର୍ଗତ ଅଶୋକ ନଗର ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ମୋଟରସାଇକଲ ଡିକି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ମସଲା ବ୍ୟବସାୟ କରୁଥିବା ଅଶୋକ ନଗର ଅଞ୍ଚଳର ପ୍ରଶାନ୍ତ ସ୍ୱାଇଁ ନିଜର ଘର ଆଗରେ ମୋଟର ସାଇକଲ ରଖି ଗେଟ୍ ଖୋଲିବା ସମୟରେ ଦୁଇ ଜଣ ଦୁର୍ବୃତ୍ତ ଏକ ପଲସର ମୋଟରସାଇକଲରେ ଆସି ତାଙ୍କ ଗାଡ଼ିର ଡିକି ଭାଙ୍ଗି ୨ ଲକ୍ଷ ୮୭ ହଜାର ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିବା ଆଠଗଡ଼ ଥାନାରେ ଅଭିଯୋଗ ହୋଇଛି। ଖବର ପାଇ ଆଠଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଅଟଳ ସେନା ରାଜ୍ୟ ଚିନ୍ତନ ପରିଷଦର ବୈଠକ

**ସାଲେପୁର,୨୦ ।୨(ସମିସ):** ଅଟଳ ସେନା ଓଡ଼ିଶା ରାଜ୍ୟ ଚିନ୍ତନ ପରିଷଦର ବୈଠକ ସେନାର ଉପଦେଷ୍ଟା ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅଟଳ ସେନା ରାଜ୍ୟ କମିଟି ସହ ଜିଲ୍ଲା କମିଟି ଗୁଡିକୁ ପୁନର୍ଗଠିତ କରାଯିବା ସହ ନୂତନ ସଭ୍ୟ ସଂଗ୍ରହ କରାଯିବାକୁ ସ୍ଥିର କରାଯାଇଥିଲା। ଏହି ବୈଠକରେ ରାଜ୍ୟ ଚିନ୍ତନ ପରିଷଦର ଉପାଧ୍ୟକ୍ଷ ପ୍ରଫେସର ପ୍ରଭାତ କିଶୋର ନାୟକ, ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନ, ଉପଦେଷ୍ଟା ରମାବଲ୍ଲଭ ଷଡ଼ଙ୍ଗୀ, ଶିକ୍ଷାବିତ୍ ବିପିନ ବିହାରୀ କର, ସଂଗଠନ ସଂପାଦକ ରବିନ୍ଦ୍ର ବେହେରା, ଉପଦେଷ୍ଟା କୁଳମଣି ବାରିକ, ଅଟଳ ସାଂସ୍କୃତିକ ସଂଘର ସଭାପତି ପ୍ରଦୀପ୍ତ ବିଶ୍ୱାଳ, ତପନ ଭୂୟାଁ, ମଣ୍ଡଳ ମହିଳା ସଂଘ ସଭାନେତ୍ରୀ ଶୈଳବାଳା ବେହେରା, ସଞ୍ଜୁଲତା ବେହେରା, ଇଂ. ଅମୀୟ ଦାଶ, ବିନତୀ ପ୍ରଧାନ, କୃଷ୍ଣଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାରେ ଶୁଭାରମ୍ଭ ହେଲା ହିତାଧିକାରୀଙ୍କୁ ଜୀବିକା ସହାୟତା



**ଫୁଲନଖରା,୨୦।୨(ସମିସ):** କଟକ ଜିଲ୍ଲାରେ ଓଡ଼ିଶା ସରକାରଙ୍କ ବିକାଶନ୍ମୁଖୀ ଯୋଜନା ମାଧ୍ୟମରେ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ପରିବାରକୁ ଜୀବନ ଜୀବିକା ସହାୟତା ରାଶି ବାବଦକୁ ଏକ ହଜାର ଟଙ୍କା ପ୍ରଦାନର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାପାଳ ବିନିତ୍ ଭରଦ୍ୱାଜ, ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା କଟକ ସଦର ବ୍ଲକ ଅନ୍ତର୍ଗତ ଖଣ୍ଡାଏତା ଗ୍ରାମପଞ୍ଚାୟତ ପରିସରରେ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ ପୂର୍ବକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସରପଞ୍ଚ ଗାୟତ୍ରୀ ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିଆରଡିଏ ଅଧ୍ୟକ୍ଷ କିଶୋର ମିଶ୍ର, ଉପାଧ୍ୟକ୍ଷ ସୁଭଦ୍ରା ଦାସ, ସଦର ବ୍ଲକ ଚେୟାରମ୍ୟାନ ଭାଗ୍ୟଲକ୍ଷ୍ମୀ ରାଉତ, ୪ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଆଶାଲତା ବେହେରା, ମୁଖ୍ୟ ଯୋଗାଣ ଅଧିକାରୀ ବିଭୂଦତ୍ତ ଆ.ର୍ଯ୍ୟ, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୁମାନିଆ ଜାକିର, ଯୋଗାଣ ଅଧିକାରୀ କେ. ଚନ୍ଦ୍ରଶେଖର ପାତ୍ର, ଅତିରିକ୍ତ ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି, ଯୋଗାଣ ନିରୀକ୍ଷକ କେଦାର ନାଥ ପ୍ରଧାନୀ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ କଟକ ଜିଲ୍ଲାରେ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ୫ ଲକ୍ଷ ୫ ହଜାର ୫୩୧ ଜଣ ହିତାଧିକାରୀଙ୍କୁ ଏହି ରାଶି ପ୍ରଦାନ କରାଯିବ। ଶୁଭ ଉଦ୍‌ଘାଟନ ଅବସରରେ କଟକ ସଦର ବ୍ଲକର ସର୍ବମୋଟ ୩୦ହଜାର ୭୩୫ଜଣ ହିତାଧିକାରୀଙ୍କ ମଧ୍ୟରୁ ଖଣ୍ଡାଏତା ଗ୍ରାମପଞ୍ଚାୟତର ୧ ହଜାର ୭୯୨ଜଣ ହିତାଧିକାରୀଙ୍କୁ ଏହି ରାଶି ବଣ୍ଟନ କରାଯିବ ବୋଲି ମୁଖ୍ୟ ଯୋଗାଣ ଅଧିକାରୀ ପ୍ରକାଶ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ହେମନ୍ତ ଦାସ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସ୍ୱନକ୍ଷତ୍ର ଦିବସ

**ନିଶ୍ଚିନ୍ତକୋଇଲି,୨୦।୨(ସମିସ)**

ପବିତ୍ର ମାଘ ଶୁକ୍ଳ ଏକାଦଶୀ ମଙ୍ଗଳବାର ଦିନ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କର ପବିତ୍ର ସ୍ୱନକ୍ଷତ୍ର ଦିବସ ପଦ୍ମବନପୀଠ ନେମାଳଠାରେ ପାଳିତ ହୋଇଛି। ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଭବିଷ୍ୟତ ମାଳିକା ରଚୟତା ତଥା ବହୁ ଗ୍ରନ୍ଥ, ଉବାଚ, ଭଜନ ଆଦି ରଚନା କରି କାଳ କାଳକୁ ଯଶ ରଖିଯାଇଛନ୍ତି। ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ନେମାଳ ପଦ୍ମବନ ପୀଠ ଠାରେ ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହେଉଛି। ପ୍ରାତଃକାଳରେ ପବିତ୍ର ଚିତ୍ରୋତ୍ପଳା ନଦୀରୁ ଘଟ ଉତ୍ତୋଳନ କରାଯାଇ ଅଷ୍ଟପ୍ରହରୀ ମଣ୍ଡପରେ ସ୍ଥାପନ କରାଯାଇଥିଲା। ମଣ୍ଡପରେ ସ୍ଥାପିତ ହୋଇଥିବା ରାଧାକୃଷ୍ଣ, ଚୈତନ୍ୟ ମହାପ୍ରଭୁ, ରାଧାରମଣ, ରାଧାବଲ୍ଲଭଙ୍କ ନିକଟରେ ଅଷ୍ଟପ୍ରହର ନୈବେଦ୍ୟ ଅର୍ପଣ ସ୍ୱରୂପ ମଙ୍ଗଳଆଳତୀ କରାଯାଇଥିଲା। ପ୍ରାତଃ ୬ ଘଟିକା ସମୟରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ମହାମନ୍ତ୍ର ନାମ କୀର୍ତ୍ତନ ଶୁଭାରମ୍ଭ କରାଯାଇଥିଲା। ଦିବାରାତ୍ର ବ୍ୟାପୀ ରାଜ୍ୟର ବିଭିନ୍ନ ସ୍ଥାନରୁ ଶତାଧିକ ସଂକୀର୍ତ୍ତନ ମଣ୍ଡଳୀ ଏହି ପୀଠରେ ଉପସ୍ଥିତ ହୋଇ ହରିନାମ ସଂକୀର୍ତ୍ତନ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ହୋଇ ନାମ ସଂକୀର୍ତ୍ତନକୁ ଶ୍ରବଣ କରିବା ସହିତ ବିଷ୍ଣୁକୃପା ଲାଭ କରିଥିଲେ। ସ୍ୱନକ୍ଷତ୍ର ଦିବସ ଅବସରରେ ଶ୍ରୀ ଶ୍ରୀ ଗୋପୀନାଥ ଜୀଉ ଓ ମହାପୁରୁଷ ଅଚ୍ୟୁତାନନ୍ଦ ଟ୍ରଷ୍ଟ ଏବଂ ଅଷ୍ଟପ୍ରହରୀ ପରିଚାଳନା କମିଟିର ମିଳିତ ସହଯୋଗରେ ଏହି ହରିନାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱନକ୍ଷେତ୍ର ଦିବସ ଅବସରରେ ପ୍ରତ୍ୟୁଷରୁ ପାରମ୍ପରିକ

**ହରିନାମରେ ମଜ୍ଜିଲେ ହଜାର ହଜାର ଭକ୍ତ**

ରୀତିନିତି ଅନୁଯାୟୀ ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ମହାସ୍ନାନ, ଚନ୍ଦନ ତୁଳସୀ ଲାଗି, ନୂତନ ବସ୍ତ୍ର ପରିଧାନ, ରୂପା ମୁକୁଟ ପରିଧାନ, ମଙ୍ଗଳଆଳତୀ, ପହିଲି ଭୋଗ, ରୀତିନୀତ ଓ ନିତ୍ୟାନି ନୈବେଦ୍ୟ ସମ୍ପନ୍ନ ହେବା ପରେ ଶ୍ରଦ୍ଧାଳୁ ଭକ୍ତଙ୍କ ନିମିତ୍ତ ପହଡ ଖୋଲାଯାଇଥିଲା। ମଧ୍ୟାହ୍ନରେ ନିତ୍ୟଭୋଗ ଓ ମଧ୍ୟାହ୍ନ ଆଳତୀ ଶେଷ ପରେ ଭକ୍ତମାନଙ୍କ ଦ୍ୱାରା ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ସଂଧ୍ୟାରେ ଜୟ ଆଳତୀରେ ପୂଜକମାନେ ସମୂହ ନାମ ମଣ୍ଡପକୁ ପରିକ୍ରମା କରିବା ସହିତ ବେଢ଼ା ପରିକ୍ରମା କରାଯାଇଥିଲା। ଆନନ୍ଦ ବଜାରରେ ଏହି କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତଙ୍କର ଭିଡ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ଜିଲ୍ଲାପରିଷଦ ବିଳାସ ଭୋଇ, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ଆଇନଜୀବୀ ଶିଶିର ଦାସ, ସମାଜସେବୀ ପ୍ରସନ୍ନ ବେଉରିଆ, ଅଜୟ ପୃଷ୍ଟି, ହରେକୃଷ୍ଣ ପୂଝାରୀ, ପଣ୍ଡିତ ଶତ୍ରୁଘ୍ନ ଦାସ, ବରିଷ୍ଠ ସେବକ ଧରଣୀଧର ପୂଝାରୀ, କାର୍ତ୍ତିକ ପୂଝାରୀ, ସୁଧାଂଶୁଶେଖର ମହାପାତ୍ର, ଅକ୍ଷୟ ସାହୁ, ଅମୂଲ୍ୟ ମହାନ୍ତି, ଶିକ୍ଷାବିତ୍ ଦେବେନ୍ଦ୍ର ନାଥ ସାହୁ, ଅମୂଲ୍ୟ ମହାନ୍ତି, ଆଲୋକ ଦତ୍ତ, ବିଜୟ ମହାନ୍ତି, ମଳୟ ଦେ, ସେବକ ସଂଘର ସଭାପତି କ୍ଷମାନିଧି ପୂଜାରୀ, ହିଂମାଶୁ ଶେଖର ଦାସ, ବଳଦେବାନନ୍ଦ ଦାସ, ଦିବାକର ସାହୁ, ହରପ୍ରସାଦ ପୃଷ୍ଟି, କେଶବ ଦଳାଇ ପ୍ରମୁଖ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ। ସଂଧ୍ୟାରେ ଭକ୍ତମାନଙ୍କର ମାନସିକ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଭକ୍ତମାନଙ୍କ ପାଇଁ ଅହୋରାତ୍ର ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା। ସାଲେପୁର ଏସ୍‌ଡିପିଓଙ୍କ ସମେତ ନେମାଳ ଥାନା ଅଧିକାରୀ ସୁନୀଲ ନାୟକଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀମାନେ ପରିଚାଳନାରେ ସହଯୋଗ କରିଥିଲେ।



# ମାଟ୍ରିକ ପରୀକ୍ଷା ଆରମ୍ଭ
# ବିଭିନ୍ନ କେନ୍ଦ୍ରରେ ପରୀକ୍ଷା ଦେଲେ ଛାତ୍ରଛାତ୍ରୀ


ମାହାଙ୍ଗା


ଜଣେ ଭିନ୍ନକ୍ଷମ ଛାତ୍ରୀ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ
କଟକ


ବାଙ୍କୀ

ମାହାଙ୍ଗା, ୨୦।୨(ସମିସ):

ଆଜି ସାରା ରାଜ୍ୟରେ ମାଟ୍ରିକ ପରୀକ୍ଷା କଡା ସୁରକ୍ଷାବଳୟ ମଧ୍ୟରେ ଆରମ୍ଭ ହୋଇଛି। ଏହି ଅବସରରେ ମାହାଙ୍ଗା ବ୍ଲକର ୧୨ଟି ମାଟ୍ରିକ ବୋର୍ଡ ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ୨୦୪୭ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଛନ୍ତି। ୧୧ ଜଣ ମାଟ୍ରିକ ବିଦ୍ୟାର୍ଥୀ ଏହି ବୋର୍ଡ ପରୀକ୍ଷାରେ ଅନୁପସ୍ଥିତ ରହିଥିବା ଜଣାଯାଇଛି। ଆଜି ମାତୃଭାଷା (ଓଡିଆ) ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା କେନ୍ଦ୍ର ପକ୍ଷରୁ ଫାଟକ ନିକଟରେ ସ୍ୱାଗତ କରାଯିବା ସହ ଶାନ୍ତିଶୃଙ୍ଖଳା ସହିତ ପରୀକ୍ଷା ଦେବା ପାଇଁ ଅନୁରୋଧ କରାଯାଇଥିଲା। ତେବେ ମାହାଙ୍ଗାରେ ୨୦୫୮ ଛାତ୍ରଛାତ୍ରୀ ଫର୍ମ ଫିଲପ କରିଥିବାବେଳେ ୨୦୪୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ବେହେରା ସୂଚନା ଦେଇଛନ୍ତି। ଏହି ଅବସରରେ ଆଚାର୍ଯ୍ୟ ପ୍ୟାରୀମୋହନ, ବାସୁଦେବପୁର, ନୁର୍ତାଙ୍ଗ, କୁସୁପୁର, ଝାଡେଶ୍ୱରପୁର, ଭଗବତୀ, ରାମଚଣ୍ଡୀ, ପଲ୍ଲିସାହି, ଭେଡା, କଇଥା ଗାନ୍ଧି ଶିକ୍ଷାଶ୍ରମ, କୋଠପଦା, ମୂଳବସନ୍ତ ଆଦି କେନ୍ଦ୍ରରେ ଶାନ୍ତିଶୃଙ୍ଖଳା ସହ ପରୀକ୍ଷା ଅନୁଷ୍ଠିତ ହୋଇଛି।

**ନିଶ୍ଚିନ୍ତକୋଇଲି :** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ୧୬ଟି ପରୀକ୍ଷା କେନ୍ଦ୍ରରେ ଶୃଙ୍ଖଳିତ ଭାବେ ୨୪୫୭ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ପ୍ରଥମ ଦିନରେ ମାତୃଭାଷା ବିଷୟ ଥିବାରୁ ପରୀକ୍ଷାର୍ଥୀ ମାନେ ପରୀକ୍ଷାରେ ଭଲ କରିଥିବାର ପ୍ରକାଶ କରିଛନ୍ତି। ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କରାଯାଇଥିବା ନୋଡାଲ କେନ୍ଦ୍ର ପକ୍ଷରୁ ସଠିକ୍ ଭାବେ ପ୍ରଶ୍ନ ଓ ଉତ୍ତର ଖାତା ବଣ୍ଟନ କରାଯାଇଥିବା ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା ପ୍ରକାଶ କରିଥିଲେ। ଚଳିତଥର ଏହି ବ୍ଲକ ଅଞ୍ଚଳରେ ହୋଇଥିବା ୧୬ଟି କେନ୍ଦ୍ର ପାଇଁ ୨୪୯୯ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ଦେବା ପାଇଁ ଅନୁମତି ପତ୍ର ପ୍ରଦାନ କରାଯାଇଥିଲା। ସେଥି ମଧ୍ୟରୁ ୪୨ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ମଧ୍ୟମା ପରୀକ୍ଷାରେ ୨ଟି କେନ୍ଦ୍ରରେ ୧୨୫ ପରୀକ୍ଷାର୍ଥୀ ଥିଲା ବେଳେ ୧୯ଜଣ ଅନୁପସ୍ଥିତ ରହିଥିବାରୁ ୧୦୬ ଜଣ ପରୀକ୍ଷା ଦେଇଥିଲେ।

**କଟକ :** କଟକ ସଦର ବ୍ଲକ ଅନ୍ତର୍ଗତ ୫ନଂ ଜିଲ୍ଲା ପରିଷଦ ଜୋନ କନ୍ଦରପୁର ଅଞ୍ଚଳରେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଯାଇଛି। କନ୍ଦରପୁର ପଞ୍ଚାୟତର ସିଦ୍ଧେଶ୍ୱରପୁର ସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠ ଓ ନିମେଇସାପୁର ପଞ୍ଚାୟତର ବିରିବାଟି ସ୍ଥିତ ରତ୍ନାକର ବିଦ୍ୟାମନ୍ଦିରରେ ପରୀକ୍ଷା କେନ୍ଦ୍ର ହୋଇଛି। ଗୋପାଳ ସ୍ମୃତି ବିଦ୍ୟାପୀଠରେ ୪ଟି ସ୍କୁଲ ଯଥା ବାରଦା ପଞ୍ଚାୟତର ବାରଦା ହାଇସ୍କୁଲ, ଫକିରପଡ଼ା ପଞ୍ଚାୟତର ବରୁଣେଇ ବିଦ୍ୟାପୀଠ, ଆୟତପୁର ପଞ୍ଚାୟତର ଆୟତପୁର ନୋଡାଲ ହାଇସ୍କୁଲ ଓ କନ୍ଦରପୁର ପଞ୍ଚାୟତର ଅଥଙ୍ଗା ସ୍ଥିତ ଚିନ୍ତାମଣି ବାଳିକା ବିଦ୍ୟାଳୟର ମୋଟ ୧୭୮ ଜଣଙ୍କ ମଧ୍ୟରୁ ୨ଜଣ ଅନୁପସ୍ଥିତ ଥିବା ଯୋଗୁଁ ୧୭୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଏହି ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଚିନ୍ତାମଣି ବାଳିକା ବିଦ୍ୟାଳୟର ଜଣେ ଭିନ୍ନକ୍ଷମ ଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ନିକୁଞ୍ଜ କିଶୋର ପାଣିଗ୍ରାହୀ କହିଛନ୍ତି। ସେହିପରି ରତ୍ନାକର ବିଦ୍ୟାମନ୍ଦିରରେ ଗୋପାଳ ସ୍ମୃତି ବିଦ୍ୟାପୀଠ ଓ ପରମହଂସ ପଞ୍ଚାୟତର ହଂସନାଥ ନୋଡାଲ ହାଇସ୍କୁଲର ମୋଟ ୧୭୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ସକାଳ ୭ଟା ୩୦ମିନିଟରେ ପରୀକ୍ଷାର୍ଥୀ ମାନେ କେନ୍ଦ୍ରକୁ ପ୍ରବେଶ କରିବା ସମୟରେ ସେମାନଙ୍କୁ ପୁଷ୍ପ ଓ ଚନ୍ଦନ ଲଗାଯାଇ ସ୍ୱାଗତ କରାଯାଇଥିବା ବେଳେ କପି ରୋକିବା ପାଇଁ ତନ୍ନ ତନ୍ନ କରି ଯାଞ୍ଚ କରାଯିବା ପରେ ପରୀକ୍ଷା ଗୃହକୁ ଛଡାଯାଇଥିଲା। ସେହିପରି ପରୀକ୍ଷା ଗୃହରେ ସିସିଟିଭି କ୍ୟାମେରା ଲଗାଯିବା ସହିତ ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ଉଜ୍ଜ୍ୱଳ ଆଲୋକ ଓ ପାଇବା ପାଣିର ବ୍ୟବସ୍ଥା କରାଯାଇଛି। ଉଭୟ ପରୀକ୍ଷା କେନ୍ଦ୍ରରେ ବ୍ୟବସ୍ଥିତ ଢଙ୍ଗରେ ଓ ଶାନ୍ତିଶୃଙ୍ଖଳା ସହିତ ପ୍ରଥମ ଦିନର ପରୀକ୍ଷା ଶେଷ ହୋଇଥିବା ଜଣାପଡ଼ିଛି।

**ବାଙ୍କୀ :** ଡମପଡ଼ା ବ୍ଲକ ବାଙ୍କୀ ବିକେ ବିଦ୍ୟାପୀଠ ନୋଡାଲ୍ କେନ୍ଦ୍ର ଅଧୀନରେ ଆଜି ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଛି। ଏହି କେନ୍ଦ୍ରରେ ସମୁଦାୟ ୧୨୨୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ସରକାରୀ ବାଳିକା ହାଇସ୍କୁଲର କେନ୍ଦ୍ରରେ ୨୫୪, ବିକେ ବିଦ୍ୟାପୀଠ ୨୩୫, ରଗଡ଼ି ବିଏସ୍ ନୋଡାଲ୍ ହାଇସ୍କୁଲର ୨୧୧, ତାଳବସ୍ତ ନୋଡାଲ୍ ହାଇସ୍କୁଲର ୧୮୮, ଡମପଡ଼ା ପ୍ରୀତମ କୁମାର ବିଦ୍ୟାମନ୍ଦିର ୧୭୦, କୁଶୁପଙ୍ଗି ହାଇସ୍କୁଲ ମୁକ୍ତବିଦ୍ୟାଳୟରେ ୬୫ଜଣ, ରାମଚନ୍ଦ୍ରପୁର ହାଇସ୍କୁଲରେ ୧୬୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ସମସ୍ତ କେନ୍ଦ୍ରରେ ଶାନ୍ତିଶୃଙ୍ଖଳା ସହିତ ପରୀକ୍ଷା କାର୍ଯ୍ୟ ଚାଲୁ ରହିଛି ବୋଲି ପରୀକ୍ଷାକେନ୍ଦ୍ର ଅଧିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ପ୍ରକାଶ କରିଛନ୍ତି। ପରୀକ୍ଷା ପରିଚାଳନାରେ ସହକାରୀ କେନ୍ଦ୍ର ଅଧିକାରୀ ସୁବ୍ରତ କୁମାର ଖଟୁଆ ସହଯୋଗ କରିଥିଲେ। ସେହିପରି ବାଙ୍କୀ ବ୍ଲକ କଳାପଥର ଧଳପଥର ନୋଡାଲ୍ କେନ୍ଦ୍ର ଅଧୀନରେ ଆଜି ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ରଘୁନାଥ ଦେବତା ନୋଡାଲ୍ ହାଇସ୍କୁଲ କେନ୍ଦ୍ରରେ ୬୩, କଳାପଥର ଧଳାପଥର ହାଇସ୍କୁଲରେ ୧୯୭, ବୈଦ୍ୟେଶ୍ୱର ହାଇସ୍କୁଲରେ ୧୩୬, ଉତ୍ତରକୁଲାଟ ବିଦ୍ୟାପୀଠରେ ୧୯୫ ଓ ସାଧବ ସମାଜ ବିଦ୍ୟା ନିକେତନରେ ୧୨୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ବାଙ୍କୀ ବ୍ଲକର ନୋଡାଲ୍ ଅଧିକାରୀ ଭାବରେ ନୀଳକଣ୍ଠ ଦାଶ କାର୍ଯ୍ୟ କରୁଥିବା ବେଳେ ସହକାରୀ ନୋଡାଲ ଅଧିକାରୀ ଭାବେ ଗୀତାଞ୍ଜଳି ରଣା କାର୍ଯ୍ୟ କରୁଛନ୍ତି।


ସାଲେପୁର

**ସାଲେପୁର :** ଆଜିଠାରୁ ସମଗ୍ର ଓଡ଼ିଶାରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଥିଲାବେଳେ ସାଲେପୁର ବ୍ଲକରେ ୧୨ଟି ପରୀକ୍ଷା କେନ୍ଦ୍ରରେ ମୋଟ୍ ୨୪୩୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଜଣାଯାଇଛି। ସାଲେପୁର ବ୍ଲକର ୧୨ଟି ପରୀକ୍ଷା କେନ୍ଦ୍ରରେ ନିର୍ଦ୍ଧାରିତ ସମୟରେ ଆଜି ପରୀକ୍ଷା ଆରମ୍ଭ ହୋଇଥିଲା। ପରୀକ୍ଷାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ସାଲେପୁର ହାଇସ୍କୁଲକୁ ନୋଡ଼ାଲ ସେଣ୍ଟର କରାଯାଇଥିବା ବେଳେ କପି ରୋକିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ବ୍ଲକରେ ମାଟ୍ରିକ୍ ପରୀକ୍ଷା ନିମନ୍ତେ ୨୪୬୧ଜଣ ଛାତ୍ରଛାତ୍ରୀ ପଞ୍ଜିକୃତ କରିଥିବାବେଳେ ୨୪୩୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨୮ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ପ୍ରତି କେନ୍ଦ୍ର ପାଇଁ ଜଣେ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ରହିଥିବାବେଳେ ବ୍ଲକ ସ୍ତରରେ ଏହି ପରୀକ୍ଷାକୁ ଶୃଙ୍ଖଳିତ ଭାବରେ ପରିଚାଳନା କରିବା ପାଇଁ ସାଲେପୁର ବ୍ଲକ ଶିକ୍ଷାଧିକାରୀଙ୍କ ଦାୟିତ୍ୱରେ ରହିଥିବା ସହ ଶିକ୍ଷାଧିକାରୀ ବିଳାସିନୀ ବାହିନୀପତିଙ୍କ ନେତୃତ୍ୱରେ ଏକ ଟିମ୍ ସ୍ୱତନ୍ତ୍ର ଭାବରେ ଏହି ପରୀକ୍ଷାକୁ ସୁପରିଚାଳନା କରିଥିଲେ। ପ୍ରତି କେନ୍ଦ୍ରରେ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା, ସିସିଟିଭି କ୍ୟାମେରା ସହ କେନ୍ଦ୍ରରେ ପରୀକ୍ଷା ନିୟନ୍ତ୍ରକମାନଙ୍କୁ ନିଯୁକ୍ତି ଦିଆଯାଇଛି।

## ବିଦ୍ୟାଳୟରୁ ଚୋରି ଅଭିଯୋଗ

ନିଶ୍ଚିନ୍ତକୋଇଲି, ୨୦।୨(ସମିସ): କଟିକଟା ପଞ୍ଚାୟତ ଅନ୍ତର୍ଗତ ଆଏଣ୍ଡା ଉପ୍ରା ମଇ ବିଦ୍ୟାଳୟରୁ ସୋମବାର ରାତିରେ ଚୋରି ହୋଇଥିବା ଅଭିଯୋଗ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀଙ୍କ ନିକଟରେ ପ୍ରଦାନ କରାଯାଇଛି। ମଙ୍ଗଳବାର ଦିନ ସ୍କୁଲ ଆସି ଶିକ୍ଷକମାନେ ଦେଖିଲା ବେଳକୁ ଅଫିସ ଓ ରୋଷେଇ ଘରର ତାଲା ଭଙ୍ଗାଯାଇଥିବା ବେଳେ କବାଟ ମୁକୁଳା ହୋଇପଡ଼ିଛି। ପରିଚାଳନା କମିଟିକୁ ଡାକି ଦେଖାଇବା ପରେ ବିଦ୍ୟାଳୟରେ ଥିବା ଦୁଇଟି ପାଣି ମଟର, ଗୋଟିଏ ଗ୍ରାଇଣ୍ଡର, କୁଣ୍ଡ, ବାଲଟି, ୫୦ଟି ଖାଇବା ଥାଳି ଏବଂ ଘଣ୍ଟା ଚୋରି ହୋଇଥିବା ଜଣାପଡ଼ିଥିଲା। ଏ ସଂକ୍ରାନ୍ତରେ କମିଟିର ସଭାପତି ଅଜୟ ଷଢଙ୍ଗୀ ଓ ପ୍ରଧାନଶିକ୍ଷକ ସୁବ୍ରତ ଉଦୟ ସିଂ ଥାନାରେ ଅଭିଯୋଗ କରିବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଚୋରର ସନ୍ଧାନ ପାଇ ନ ଥିବା ଜଣାଯାଇଛି।

## ରଘୁନାଥ ମହାନ୍ତିଙ୍କୁ ‘ଚାଣକ୍ୟ’ ସମ୍ମାନ

ନିଶ୍ଚିନ୍ତକୋଇଲି, ୨୦।୨(ସମିସ): ଉତ୍କଳଜ୍ୟୋତି ରଘୁନାଥ ମହାନ୍ତି ନିଖିଳ ଉତ୍କଳ ଏଲିମେଣ୍ଟାରୀ ଟିଜି ଶିକ୍ଷକ ସଂଘ ତରଫରୁ ‘ଚାଣକ୍ୟ’ ସମ୍ମାନ ପ୍ରଦାନ କରାଯାଇଛି। ସମସ୍ୟାବହୁଳ ଶିକ୍ଷକ ସଂଘକୁ ଅଗ୍ରଗାମୀ କରିବା ପାଇଁ ତାଙ୍କର ଉଦ୍ୟମ ପ୍ରଶଂସନୀୟ ଥିଲା ବୋଲି କର୍ମକର୍ତ୍ତା ମାନେ ତାଙ୍କୁ କଟକ ବାବା ସାଗର ଦାସ ବିଦ୍ୟାପୀଠରେ ସଂଘର ସପ୍ତମ ବାର୍ଷିକ ସାମ୍ବିଧାନିକ ରାଜ୍ୟସ୍ତରୀୟ ସ୍ମୃତି ଶ୍ରଦ୍ଧାସୁମନ ଓ ସମ୍ବର୍ଦ୍ଧନା ପର୍ବରେ ସଭାପତି ଲକ୍ଷ୍ମଣ ମହାନ୍ତି, ସମ୍ପାଦକ ମୁରଲୀଧର ନାୟକ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।

## ରାଧାକାନ୍ତଜିଉଙ୍କ ମହୋତ୍ସବ ପ୍ରସ୍ତୁତି ବୈଠକ

ସାଲେପୁର, ୨୦।୨(ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ପାଟପୁର ଗ୍ରାମର ରାଧାକାନ୍ତଜୀଉ ମନ୍ଦିର ତଥା ବିଷ୍ଣୁପାଦ ପୀଠ ଠାରେ ତିନି ଦିନ ବ୍ୟାପୀ ବିଷ୍ଣୁ ମହାଯଜ୍ଞ ଓ ରାଧାକାନ୍ତଜୀଉ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ପାଟପୁରସ୍ଥିତ ରାଧାକାନ୍ତଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ତଥା ସମାଜସେବୀ ଦିଲ୍ଲୀପ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସୁବାସ ଦାଶ, ମଦନମୋହନ ଦାଶ, ବିଶ୍ୱରଞ୍ଜନ ସାହୁ, ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶ, ସମିତିସଭ୍ୟ ହିମାଂଶୁ ଦାଶ ଓ ଗ୍ରାମର ବହୁ ଭଦ୍ରବ୍ୟକ୍ତି ଓ ଯୁବକମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଯଜ୍ଞ ରୀତିନୀତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଚଳିତ ମାସ ୨୬, ୨୭ ଓ ୨୮ ତାରିଖ ତିନି ଦିନ ବ୍ୟାପୀ ବିଷ୍ଣୁ ମହାଯଜ୍ଞ ଓ ରାଧାକାନ୍ତଜୀଉ ମହୋତ୍ସବ ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସେହିପରି ୩ ଦିନ ବ୍ୟାପୀ ରାଧାକାନ୍ତଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ଅବସରରେ ପ୍ରତିଦିନ ବେଦପାଠ, ସୂର୍ଯ୍ୟପୂଜା, ଗୋପୂଜା, ହୋମାଦି ଯଜ୍ଞ ରୀତିନୀତି ଅନୁଯାୟୀ କରାଯିବ। ୨୫ତାରିଖ ଦିନ ଖରାଖିଆ ମହାଦେବଙ୍କ ପୀଠ ଠାରୁ ଆଜ୍ଞାମାଳ ବାହାରି ରାଧାକାନ୍ତଜୀଉ ମନ୍ଦିରରେ ପହଞ୍ଚିବା ପାଇଁ ସ୍ଥିର କରାଯାଇଛି।

## ଶିବାନୀ ମନ୍ଦିରର ବାର୍ଷିକୋତ୍ସବ



ଚୌଦ୍ୱାର, ୨୦।୨(ସମିସ): ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡସ୍ଥିତ ଶିବାନୀ ମନ୍ଦିରରେ ଦେବୀଙ୍କ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଭାତରୁ କଳସ ଯାତ୍ରା, ହୋମଯଜ୍ଞ, ନାମ ସଂକୀର୍ତ୍ତନ, ବିଶ୍ୱଶାନ୍ତି ଯଜ୍ଞ ସହିତ ନାନାବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାରା ଦିନ ବ୍ୟାପି ହରିହାଟର ଆୟୋଜନ କରାଯାଇଥିଲା। ସହସ୍ରାଧିକ ଶ୍ରଦ୍ଧାଳୁ ଏହି ହୋମଯଜ୍ଞରେ ସାମିଲ ହୋଇଥିଲେ। ମୋହନ ନାୟକ ଓ ସୁକାନ୍ତୀ ନାୟକ କର୍ତ୍ତା ଓ କର୍ତ୍ତୀ ଭାବେ ପୂଜାରେ ଯୋଗଦେଇଥିଲେ। ବିଧାୟକ ସୌଭିକ ବିଶ୍ୱାଳ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, କାଉନସିଲର ଆଶୁତୋଷ ଦାସ, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା, ବିମଳ ବେଉରା, ପତିତପାବନ ପଟ୍ଟନାୟକ ପ୍ରମୁଖ ଉତ୍ସବରେ ଯୋଗଦେଇ ମା’ଙ୍କ ଅର୍ଶୀବାଦ ଭିକ୍ଷା କରିଥିଲେ। ପୂର୍ବତନ କାଉନସିଲର ଗିରିଧାରୀ ଦଳେଇ, ହଂସଚରଣ ସାହୁ, ଆରାଧନା ପଟ୍ଟନାୟକ, ନିକୁଞ୍ଜ ପଣ୍ଡା, ସୁପ୍ରିୟା ଦାସ, ଯଦୁମଣି ଦଳାଇ, ଦେବେନ୍ଦ୍ର ଦାସ, ବିଭୁକଲ୍ୟାଣ ମହାନ୍ତି, କୌଶଲ୍ୟା ବେହେରାଙ୍କ ସମେତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ



ବାରଙ୍ଗ, ୨୦।୨(ସମିସ): ବାରଙ୍ଗ ବ୍ଲକ ମୁଣ୍ଡଳି ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୩ର ନୂତନ ବିଦ୍ୟାଳୟଗୃହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ ମୋଡ୍ ମାଧ୍ୟମରେ ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଅତ୍ୟାଧୁନିକ ବିଦ୍ୟାଳୟ ଗୃହରେ ମୋଟ ୨୧ କୋଟି ଟଙ୍କା ବ୍ୟୟ କରାଯାଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଲୋକାର୍ପଣ ଉତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବାଙ୍କୀ ବିଧାୟକ ଦେବିରଞ୍ଜନ ତ୍ରିପାଠୀ, ଏନଡିଆରଏଫର ଅଧ୍ୟକ୍ଷ ଯାକବ କିସ୍ପୋଟା, କେନ୍ଦ୍ରୀୟ ବିଦ୍ୟାଳୟର ଡେପୁଟି କମିଶନର ଶିହରଣ ବୋଷ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଦ୍ୟାଳୟ ଅଧ୍ୟକ୍ଷ ଅଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା

## କଟକ ଦିଶୁମ ହୋ ସମାଜ ପକ୍ଷରୁ ସହାୟତା

ଟାଙ୍ଗୀ, ୨୦।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗୋଡଧୁଆ ଗ୍ରାମର ଚୁଙ୍ଗୁର ପିଙ୍ଗଆ ଓ ମାମିନା ପୂର୍ତ୍ତୀ ଜଙ୍ଗଲରେ ଗାଇ ଚରାଉଥିବା ସମୟରେ ଜଙ୍ଗଲି ବାରହା ଆକ୍ରମଣରେ ଶିକାର ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ପରିବାର ପ୍ରତିପୋଷଣରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଖବର ପାଇ କଟକ ଦିଶୁମ ହୋ ସମାଜ ତରଫରୁ ଉଭୟଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ସହାୟତା ସମୟରେ ହୋ ସମାଜର ରାଜେନ୍ଦ୍ର ଗାଗାରାଇ, ଗଣେଶ ହେମ୍ବ୍ରମ, ସିଦ୍ଧେଶ୍ୱର ଦରାଇ ଓ ମୁକୁନ୍ଦ କୁଏଙ୍କେଲ ପ୍ରମୁଖ ଉପସ୍ଥିତ ରହି ଉଭୟଙ୍କ ଆରୋଗ୍ୟ କାମନା କରିଥିଲେ।



### ମାଧବାନନ୍ଦଜିୟୁଙ୍କ ଭୌମ ଏକାଦଶୀ ପର୍ବ ପାଳିତ
# ଶ୍ରୀ ମନ୍ଦିରରୁ ଆସିଲା ପାଟବସ୍ତ୍ର ଓ ଭୋଗ

ନିଆଳି, ୨୦।୨(ସମିସ):

ନିଆଳି ବ୍ଲକ ଅନ୍ତର୍ଗତ ମାଧବ ଠାରେ ଥିବା ଜଗନ୍ନାଥଙ୍କ ମାମୁଁ ଘର ମାଧବାନନ୍ଦଜୀୟୁଙ୍କ ଭୌମ ଏକାଦଶୀ ପର୍ବ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି। ଗତବର୍ଷ ପରି ଏ ବର୍ଷ ମଧ୍ୟ ଶ୍ରୀମନ୍ଦିର ପୁରୀ ଭଣଜା ଘରୁ ମାଧବାନନ୍ଦଜୀୟୁ ମାମୁଁଘର ପାଇଁ ପାଟବସ୍ତ୍ର ଓ ଭୋଗ ଆସିଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ମାଧବାନନ୍ଦ ଜୀଉଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହ ପ୍ରାତଃରୁ ହଜାର ହଜାର ଭକ୍ତ ନିକଟସ୍ଥ ପୁଣ୍ୟତୋୟା ପ୍ରାଚୀ ନଦୀରେ ବୁଡ଼ ପକାଇ ମାଧବାନନ୍ଦ ଜୀଉଙ୍କୁ ଦର୍ଶନ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ ଦ୍ୱାପର ଯୁଗରେ ପାଣ୍ଡବଙ୍କ ଅଜ୍ଞାତବାସ ସମୟରେ ସେମାନେ ଏଠାରେ ପହଁଞ୍ଚିଥିଲେ। ପ୍ରତ୍ୟେହ ଯୁଧିଷ୍ଠିର ବିଷ୍ଣୁଙ୍କ ବିନା ଦର୍ଶନରେ ଜଳସ୍ପର୍ଶ କରୁ ନ ଥିଲେ ତେବେ ସହଦେବ ତପସ୍ୟା ବଳରେ ନିକଟସ୍ଥ ଏକ ପୁଷ୍କରିଣୀରେ ସ୍ୱୟଂ ନାରାୟଣ ବିରାଜମାନ କରୁଥିବା ଜାଣିପାରି ଯୁଧିଷ୍ଠିର ପୁଷ୍କରିଣୀରୁ ଏହି ମୂର୍ତ୍ତିକୁ ଉଦ୍ଧାର କରିବା ପାଇଁ ସାନଭାଇ ଭୀମଙ୍କୁ ଆଜ୍ଞା ଦେଇଥିଲେ। ମାତ୍ର ପୂର୍ବରୁ ଦୈତରାଜ ଭୌମାସୁର ବିଷ୍ଣୁଙ୍କ ପରମ ଉପାସକ ଥିବାରୁ ସ୍ୱର୍ଗରୁ ଏହି ମୂର୍ତ୍ତିକୁ ଚୋରି କରି ଆଣି ପୁଷ୍କରିଣୀ ମଧ୍ୟରେ ରଖି ଉପାସନା କରୁଥିଲା। ଭୀମ ଏହି ମୂର୍ତ୍ତିକୁ ପୁଷ୍କରିଣୀରୁ ଉଦ୍ଧାର କରିବା ପାଇଁ ଅଗ୍ରସର ହୁଅନ୍ତେ ଭୀମ ଓ ଭୌମାସୁର ମଧ୍ୟରେ ପ୍ରବଳ ଯୁଦ୍ଧ ହୋଇଥିଲା। ଶେଷରେ ଭୌମାସୁର ନିହତ ହୋଇଥିଲା। ମାଧବାନନ୍ଦ ମୂର୍ତ୍ତିଙ୍କୁ ଉଦ୍ଧାର କରି ଏଠାରେ ଉପବିଷ୍ଟ କରାଯାଇଥିଲା। ସେ ଦିନ ଥିଲା ମାଘମାସ ଶୁକ୍ଳପକ୍ଷ ଏକାଦଶୀ ତିଥି। ତେଣୁ ଭୌମାସୁର ନାମାନୁସାରେ ସେବେଠାରୁ ଏଠାରେ ଏହି ଦିନକୁ ଭୌମ ଏକାଦଶୀ ପର୍ବ ରୂପେ ମନ୍ଦିର ପରିସରରେ ମହାସମାରୋହରେ ପାଳନ କରାଯାଉଛି। ଏହି ଦିନ ଭକ୍ତମାନେ ପ୍ରାଚୀ ନଦୀରେ ବୁଡ ପକାଇ ମାଧବାନନ୍ଦ ଜୀଉଙ୍କ ଦର୍ଶନ କଲେ ମାନସିକ ପୂର୍ଣ୍ଣ ହୁଏ ବୋଲି ଲୋକକଥା ରହିଛି। ଭୌମ ଏକାଦଶୀ ପର୍ବରେ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ପ୍ରାତଃରୁ ହଜାର ହଜାର ଶ୍ରଦ୍ଧାଳୁ ନିକଟସ୍ଥ ପୂଣ୍ୟତୋୟା ପ୍ରାଚୀ ନଦୀରେ ବୁଡ଼ ପକାଇ ମାଧବାନନ୍ଦଙ୍କୁ ଦର୍ଶନ କରିଥିଲେ। ଦିନ ତମାମ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ଅପରାହ୍ନରେ ପୁରୀ ଶ୍ରୀମନ୍ଦିରରୁ ସେବାୟତ ବିନାୟକ ଦାସ ମହାପାତ୍ର ଓ ରାମଚନ୍ଦ୍ର ଦାସ ମହାପାତ୍ର ମାଧବାନନ୍ଦଙ୍କ ଭୌମ ଏକାଦଶୀ ପର୍ବ ପାଇଁ ପାଟବସ୍ତ୍ର ଓ ଭୋଗ ଆଣି ପହଞ୍ଚିବା ପରେ ତାଙ୍କୁ ନିକଟସ୍ଥ ପ୍ରାଚୀ ନଦୀ ପୋଲଠାରୁ ନ୍ୟାୟବ୍ରତ ରାଉତ, ରାଜେନ୍ଦ୍ର ପ୍ରସାଦ ପଣ୍ଡା, ତ୍ରିଲୋଚନ ପୁଷ୍ପାଳକ, ପିତାମ୍ବର ରାଉତ, ଭାସ୍କର ପୁଷ୍ପାଳକ, ପୂର୍ଣ୍ଣଚନ୍ଦ୍ର ପୁଷ୍ପାଳକ, ବେଣୁଧର ସେଠୀ, ରୀତା ଚୌଧୁରୀଙ୍କ ସମେତ ବହୁ ମନ୍ଦିର ସେବାୟତ ସେମାନଙ୍କୁ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ। ପୁରୀରୁ ଆସିଥିବା ପାଟବସ୍ତ୍ର ଓ ଭୋଗ ମାଧବାନନ୍ଦ ଜୀୟୁଙ୍କୁ ଲାଗି କରାଯାଇଥିଲା। ସେହିପରି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିଲା। ଶହ ଶହ ସଂଖ୍ୟାରେ ବ୍ୟବସାୟ ପ୍ରତିଷ୍ଠାନ ଖୋଲାଯାଇଥିବା ବେଳେ ସନ୍ଧ୍ୟାରେ ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ବିଳମ୍ବିତ ରାତ୍ରିରେ ମହାଦୀପ ଉଠିଥିଲା।



